

ମାଲ୍ୟବନ୍ତ ମହୋତ୍ସବ ଅବସରରେ ବୁଧବାର ପଞ୍ଚାୟତ ସମିତି ପକ୍ଷରୁ ବାହାରିଥିବା କଳସ ଶୋଭାଯାତ୍ରା ।


ପୂର୍ବାହ୍ନରେ ହୋଇଥିବା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।


କୋରକୋଣ୍ଡାରେ ବ୍ଲକସ୍ତରୀୟ ମାଲ୍ୟବନ୍ତ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ ।

# ସଂକ୍ଷେପରେ

## ମାର୍ଚ୍ଚ ୮ରୁ ପ୍ରସିଦ୍ଧ ନାକ୍‌ଟେଶ୍ୱରୀ ମାଆଙ୍କ ଯାତ୍ରା



**ମାଲକାନଗିରି,୫।୨(ଡି.ଏନ.ଏ) -** ମାଲକାନଗିରି ଜିଲାର ପ୍ରସିଦ୍ଧ ମାଆ ନାକ୍‌ଟେଶ୍ୱରୀ ଯାତ୍ରା ଆସନ୍ତା ମାର୍ଚ୍ଚ ୮ରୁ ଆରମ୍ଭ ହେବ । ଏହି ଯାତ୍ରା ୩ଦିନ ଧରି ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରସିଦ୍ଧ ଠାକୁରାଣୀ ଯାତ୍ରା ପାଇଁ ବୁଧବାର ମନ୍ଦିର ପରିସରରେ ପୂଜା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବସିଥିଲା। ଆସନ୍ତା ୧୧ରୁ ମନ୍ଦିରର ମୁଖ୍ୟ ପୂଜକ ତ୍ରିନାଥ ରାଜୁଙ୍କ ଦ୍ୱାରା ଶୁଭ ଖୁଣ୍ଟି ସ୍ଥାପନ କରାଯିବ। ପରେ ଆଞ୍ଚା ମାଳ ନେଇ ଲାଠି ଆହ୍ୱାନ ପାଇଁ ଯିବାକୁ ନିଷ୍ପତ୍ତି ହୋଇଥିଲା। ଚଳିତ ବର୍ଷ ଜିଲାର ବିଭିନ୍ନ ପ୍ରାନ୍ତରୁ ସ୍ୱତନ୍ତ୍ର ଲାଠିମାନଙ୍କୁ ଆମନ୍ତ୍ରିତ କରାଯିବ । ରୀତି ନୀତି ଅନୁଯାୟୀ କଳସଯାତ୍ରା ଓ ପୂଜାର୍ଚ୍ଚନା ହେବ। ବୈଠକରେ କମିଟି ସଭାପତି ଅଜିତ୍ କୁମାର ପାଢ଼ୀ, ଉପ ସଭାପତି ବାବୁ ପଣ୍ଡା, ଯୁଗ୍ମ ସମ୍ପାଦକ ଜି. ଶ୍ରୀନିବାସ ରାଓ, କୋଷାଧକ୍ଷ ହର ପଟ୍ଟନାୟକ, ଉପଦେଷ୍ଟା ବାଦଲ୍ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ପ୍ରଧାନଶିକ୍ଷକଙ୍କୁ ନେଇ ତାଲିମ କାର୍ଯ୍ୟକ୍ରମ

**ଗୋବିନ୍ଦପାଲି,୫।୨(ଡି.ଏନ.ଏ.)-** ଖାଇରପୁଟସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟଠାରେ ବୁଧବାର ବିଇଓ ଶଶୀଭୂଷଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ବ୍ଲକସ୍ତରୀୟ ବିଦ୍ୟାଳୟ ମାନକ ଏବଂ ମୂଲ୍ୟାୟନ ରୂପରେଖ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୦୬ଟି ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଏହି ତାଲିମରେ ସାମିଲ କରାଯାଇଥିଲା। ସାଧନକର୍ମୀ ରୂପେ ଦେବରାଜ ସେଠୀ, ଭୋଜରାଜ ମେହେର, ରାମହରି ପଟ୍ଟନାୟକ, ପ୍ରଶାନ୍ତ କୁମାର ନାୟକ କାର୍ଯ୍ୟ ତୁଲାଇଥିଲେ। ସୂଚନାଯୋଗ୍ୟ ଯେ, ସମସ୍ତ ବିଦ୍ୟାଳୟର ସମସ୍ତ ତଥ୍ୟ ଚଳିତ ମାସ ଶେଷ ସୁଦ୍ଧା ଅନ୍‌ଲାଇନ ପୋର୍ଟାଲରେ ଅପ୍‌ଲୋର୍ଡ ହେବ। ଫଳରେ ରାଜ୍ୟ ଶିକ୍ଷା ବିଭାଗ ସହିତ କେନ୍ଦ୍ରୀୟ ବିଭାଗକୁ ସମସ୍ତ ସୂଚନା ଉପଲବ୍ଧ ହୋଇପାରିବ।

## 'ଲୁକ୍କାୟିତ ପ୍ରତିଭା ଉପରେ ଛାତ୍ରୀମାନେ ଗୁରୁତ୍ୱ ଦିଅନ୍ତୁ'

**ମାଲକାନଗିରି,୫।୨(ସ୍ୱ.ପ୍ର)** ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ୪୩ ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିରାଣୀ ବିଶ୍ୱାସଙ୍କ ଅଧକ୍ଷତାରେ ହୋଇଥିବା ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଅଶୋକ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ଅଧାପକ ରଞ୍ଜନ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ରୂପେ ଖବରଦାତା ରତ୍ନାକର ଦାଶ, ମହିଳା ମହାବିଦ୍ୟାଳୟ ଅଧକ୍ଷ ଦୁଷ୍ମନ୍ତ କୁମାର ଜେନା ଯୋଗଦେଇ ଛାତ୍ରୀମାନେ ଭଲ ପାଠପଢ଼ି ଜଣେ ଭଲ ମଣିଷ ହେବା ପାଇଁ ଚେଷ୍ଟା କରିବା ଉଚିତ। ସେମାନେ ପାଠ ସହ ଖେଳକୁଦ, ନୃତ୍ୟ ସଙ୍ଗୀତରେ ମନନିବେଶ କରନ୍ତୁ। ଏହାଦ୍ୱାରା ସେମାନଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ହୋଇପାରିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଶିକ୍ଷକ ଭ୍ରମରବର ମଲ୍ଲିକ ପ୍ରାରମ୍ଭିକ ସୂଚନା ଓ ଶିକ୍ଷୟିତ୍ରୀ କଳ୍ପନା ନାୟକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସୁହାନୀ ସୁପ୍ରିୟା ବାଘ, ଶିକ୍ଷକ ତ୍ରୈଲୋକ୍ୟ ହିରା, ନିହାର ରଞ୍ଜନ ଚୌଧୁରୀ,ତନ୍ମୟ ମହାପାତ୍ର,ମନୋରଞ୍ଜନ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

# ଜିଲାର ବିକାଶରେ ଗଣପର୍ବର ଭୂମିକା ଗୁରୁତ୍ୱପୂର୍ଣ୍ଣ

## ମାଲକାନଗିରି ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ

**ମାଲକାନଗିରି,୫।୨(ଡି.ଏନ.ଏ.)**

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ପଞ୍ଚାୟତ ସମିତି ତରଫରୁ ବୁଧବାର ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଅନୁଷ୍ଠିତ ହୋଇଛି । ପୂର୍ବାହ୍ନରେ ନିକଟସ୍ଥ ସତୀଗୁଡା ଜଳଭଣ୍ଡାରର ଚମ୍ପାଖାରୀ ଗ୍ରାମ ଦୁର୍ଗା ମନ୍ଦିର ଘାଟରୁ ପବିତ୍ର ଜଳ ସଂଗ୍ରହ କରାଯାଇଥିଲା । ଶତାଧିକ ମହିଳା ପୁରୁଷ ଜଳକଳସକୁ ଶୋଭାଯାତ୍ରାରେ ଆଣି ବ୍ଲକ ପଡିଆ ମଣ୍ଡପରେ ସ୍ଥାପନ କରିଥିଲେ । ପୂର୍ବାହ୍ନରେ ଆୟୋଜିତ ସଭାରେ ବ୍ଲକ ଅଧକ୍ଷ ଅକ୍ଷୟ କୁମାର ନାୟକଙ୍କ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ଦଶରଥ ପଡିଆମି, ସମ୍ମାନିତ ଅତିଥି ରୂପେ ଜିଲା ଉନ୍ନୟନ ପରିଷଦ ଅଧକ୍ଷ ମାନସ ମାଡକାମି ଉପସ୍ଥିତ ଥିଲେ। ଦୀର୍ଘ ୧୬ ବର୍ଷ ହେଲା ମାଲ୍ୟବନ୍ତ ମହୋତ୍ସବ ଚାଲିଛି। ଜିଲାବାସୀଙ୍କ ମଧ୍ୟରେ ଭାଇଚାରା, କଳା ସଂସ୍କୃତିର ପୁନରୁଦ୍ଧାର ଏବଂ ଜିଲାର ବିକାଶ ପାଇଁ ଏହି ଗଣପର୍ବର ଭୂମିକା ଗୁରୁତ୍ୱପୂର୍ଣ୍ଣ ।ଏହି ଉତ୍ସବ ମାଧ୍ୟମରେ ଜନସାଧାରଣ, ପ୍ରଶାସନ ଓ ଜନ ପ୍ରତିନିଧି ଏକ ହୋଇ ଭାବର ଆଦାନ ପ୍ରଦାନ ସହ ଜିଲାକୁ ଗୋଟିଏ ଡୋରିରେ ବାନ୍ଧି ରଖିବାର ସୁଯୋଗ ପାଇଥାନ୍ତି। ଏବେ ବିକାଶର ସୂର୍ଯ୍ୟ କିରଣ ଜିଲାରେ ଶାନ୍ତି ଫେରାଇ ଆଣିବାରେ ସକ୍ଷମ ହୋଇଛି ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ପରେ ନୃତ୍ୟ ଗୀତ ସହ ଶିଙ୍ଗବାଦ୍ୟ, ଢେମ୍‌ସା ପରିବେଷଣ ହୋଇଥିଲା । ସୂଚନାଯୋଗ୍ୟ ଯେ, ଗୁରୁବାର ଜିଲାସ୍ତରୀୟ ନୌକା ପ୍ରତିଯୋଗିତା ଅନୁଷ୍ଠିତ ହେବ । ପୂର୍ବରୁ ମୋଟୁ ମୁର୍ଗି ପଏଣ୍ଟର ତ୍ରିବେଣୀ ସଙ୍ଗମ ଘାଟରୁ ଜଳ ସଂଗ୍ରହ ହୋଇ ମାଲକାନଗିରି ଜଗନ୍ନାଥ ମନ୍ଦିରରେ ରଖାଯାଇଛି। ଏହି ଜଳକଳସଗୁଡିକୁ ୭ରେ ଜଗନ୍ନାଥ ମନ୍ଦିରରୁ ଏକ ଶୋଭାଯାତ୍ରାରେ ମୁଖ୍ୟ ମଣ୍ଡପକୁ ନିଆଯିବ । ସେଠାରେ ୩ଦିନ ଧରି ଜିଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ହେବ। ଆଜିର କାର୍ଯ୍ୟକ୍ରମରେ ମାଲକାନଗିରିବ୍ଲକର ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟା ସଭ୍ୟ, ଜିଲା ପରିଷଦ ସଭ୍ୟା ସଭ୍ୟାମାନେ ଅଂଶଗ୍ରହଣ କରିଥିଲେ।





ମାଲକାନଗିରିଠାରେ ବୁଧବାର ସନ୍ଧ୍ୟାରେ ମାଲ୍ୟବନ୍ତ ମଣ୍ଡପରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

# କୋରୁକୋଣ୍ଡାରେ ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ

- ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ଆଦିବାସୀ
- ଲୋକନୃତ୍ୟ ସ୍ଥାନ ପାଇଁ ଉଦ୍ୟମ ହେବ
- ଅଧାରୁ ସଭାସ୍ଥଳ ଛାଡ଼ି ଚାଲିଗଲେ ଅଙ୍ଗନୱାଡି, ଆଶାକର୍ମୀ
- କୋୟା ଭାଷାରେ ବକ୍ତବ୍ୟ ରଖିଲେ ମାନସ ମାଡକାମି
- ୩ଜଣଙ୍କୁ ମିଳିଲା ମାଲ୍ୟବନ୍ତ ସ୍ମାରକ

**କୋରୁକୋଣ୍ଡା, ୫।୨ (ଡ଼ି.ଏନ.ଏ.)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦରରେ ବୁଧବାର ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଭୋରରୁ ଚିତାପାରି-୩ ପଞ୍ଚାୟତର ୧୦୪ ଗ୍ରାମର ଶତାଧିକ ମହିଳା, ଏସଏଚଜି ଗ୍ରୁପ ସଦସ୍ୟା, ଅଙ୍ଗନୱାଡ଼ି କର୍ମୀ ପବିତ୍ର ଜଳ ସଂଗ୍ରହ କରି କଳସ ଯାତ୍ରାରେ ବାହାରିଥିଲେ। ଏଥିରେ କୋରୁକୋଣ୍ଡା ଅଞ୍ଚଳର ବହୁ ଜନସାଧାରଣ ସାମିଲ ହୋଇଥିଲେ। କଳସ ସ୍ଥାପନ ପରେ ମିନି ଷ୍ଟାଡିୟମ ପରିସରରେ ମାଲ୍ୟବନ୍ତ ମହୋତ୍ସବ ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ, ସମ୍ମାନିତ ଅତିଥି ରୂପେ ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମୀ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପଡ଼ିଆମୀ, ଜିଲା ପରିଷଦ ଉପାଧ୍ୟକ୍ଷ ସୁଲତା ମଣ୍ଡଳ, ସରପଞ୍ଚ ବଂଶୀଧର ମୁଦୁଲ, ବିଡିଓ ଦାଶରଥି ସରାବୁ ଯୋଗ ଦେଇଥିଲେ। ସମସ୍ତ ପଞ୍ଚାୟତର ସରପଞ୍ଚମାନେ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଉତ୍ସବ ଉଦ୍‌ଘାଟନ କରି ଆଦିବାସୀ ଲୋକନୃତ୍ୟ କିପରି ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ସ୍ଥାନ ପାଇବ ସେନେଇ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମୀ କୋୟା ଭାଷାରେ ନିଜ ବକ୍ତବ୍ୟ ରଖିଥିଲେ। ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ନୀଳିମା ମଣ୍ଡଳଙ୍କୁ ମଞ୍ଚକୁ ଡକା ନ ଯିବାରୁ ଅଙ୍ଗନୱାଡି କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ମହିଳା ଓ ଶିଶୁ ବିକାଶ ବିଭାଗର ସମସ୍ତ ଅଧିକାରୀ ଓ ଅଙ୍ଗନୱାଡି କର୍ମୀ ଏବଂ ଆଶା କର୍ମୀମାନେ ସଭା ତ୍ୟାଗ କରି ଚାଲିଯାଇଥିଲେ। ଏହି ଅବସରରେ ବିଡ଼ିଓ ସରାବୁ, ମନ୍ତ୍ରୀ ଦିଆନ ଏବଂ ପରିଷଦ ଅଧ୍ୟକ୍ଷ ମାଡକାମୀଙ୍କୁ ମାଲ୍ୟବନ୍ତ ସ୍ମାରକ ପ୍ରଦାନ କରାଯାଇଥିଲା। ଆଦିବାସୀ ଲୋକନୃତ୍ୟ ସହ ବିଦ୍ୟାଳୟ ଛାତ୍ରୀଛାତ୍ର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଡିଓ ସରାବୁ ମଞ୍ଚ ପରିଚାଳନା କରିଥିଲେ।

# ମା' ମାଉଲିଙ୍କ ଯାତ୍ରା ଆରମ୍ଭ

**ମାଲକାନଗିରି,୫।୨(ସ୍ୱ.ପ୍ର.)**


ମା' ମାଉଲିଙ୍କ ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ ।

ପ୍ରତି ବର୍ଷପରି ଚଳିତ ବର୍ଷ ମାଲକାନଗିରି ସଦରବ୍ଲକ ଚାଲାଣଗୁଡା ପଞ୍ଚାୟତର ଆଲୁର ମୁଠାଠାରେ ମଙ୍ଗଳବାର ରାତିରୁ ମା' ମାଉଲିଙ୍କ ଯାତ୍ରା ଆରମ୍ଭ ହୋଇଛି । ଏହି ଯାତ୍ରାରେ ତର୍ଣ୍ଣିକି, ବୁରୁଦି, ଚାଲାଣଗୁଡା, ମୁନୁସା, ବରକୋଲିଗୁଡା, ତାଳଗୁଡା, ମୁନୁସ କୋଣ୍ଡା, ହାଣ୍ଡିଆଗୁଡା, କୁକୁଡାଗୁଡା, ସିନ୍ଧିରିମାଳ, ଭିମାରାଙ୍ଗିଣି, ତମସା, ମାଲକାନଗିରି, ପେଡାକୋଣ୍ଡା,ପାଲକୋଣ୍ଡା ଆଦି ଗ୍ରାମ ସହ ୪୫ଟି ବିଭିନ୍ନ ଆଦିବାସୀ ଗ୍ରାମର ଦେବାଦେବୀଙ୍କ ପୀଠରୁ ଶତାଧିକ ଲାଠିଧାରୀ, ସିରୁଆ,ଦିସାରି, ଗୁଣିଆମାନେ ମା'ଙ୍କ ପୀଠରେ ପହଞ୍ଚିଛନ୍ତି। ଏହି ଯାତ୍ରା ଦ୍ୱାରା ଗାଁର ମଙ୍ଗଳ ହେବା ସହ ଜମିରେ ଭଲ ଫସଲ, ଭଲ ବର୍ଷା ହୋଇଥାଏ। ଗ୍ରାମ ଉପରେ ରୋଗ ବାଧକ ଓ ବିପଦ ଆସେନାହିଁ। ଭୂତ, ପ୍ରେତ ଓ ଡୁମାମାନେ ଦୁରେଇ ରହିଥାନ୍ତି ବୋଲି ବିଶ୍ୱାସ ରହିଛି। ମା' ମାଉଲିଙ୍କ ପୀଠରୁ ମାଘ ପର୍ବର ଶୁଭାରମ୍ଭ ହୁଏ। ପୂଜାସ୍ଥଳକୁ ବିଭିନ୍ନ ଗ୍ରାମରୁ ସମସ୍ତ ଶ୍ରଦ୍ଧାଳୁମାନେ ପରିବାର ଧରି ଆସିଥାନ୍ତି। ବିଭିନ୍ନ ଗ୍ରାମରୁ ଗୁଣିଆ,ଦିସାରୀ, ପୂଜାରୀ, ଓ୍ୱାର୍ଡ, ନାୟକ, ଚାଲାଣ, ପେଦା ଓ ମୁଖିଆମାନେ ଦେବାଦେବୀଙ୍କ ପୀଠରୁ ଲାଠି, କୁର୍ଚ୍ଚି ଧରି ଶୋଭାଯାତ୍ରାରେ ପୂଜାମଣ୍ଡପ ନିକଟକୁ ଆସି ଆଲୁରମୁ ପୀଠରେ ସ୍ଥାପନ କରିଥାନ୍ତି । ଦିଶାରୀ ଓ କାଳସୀ ନାଟ ସହ ଯୁବତୀଯୁବକମାନେ ଢେମସା ନାଚ କରିଥାନ୍ତି । ଏହି ଯାତ୍ରା ପାଳନର ଦୁଇ ଦିନ ଆଗରୁ ଗ୍ରାମଗୁଡିକରେ ସଭା ହୋଇପ୍ରସ୍ତୁତି ଆରମ୍ଭ ହୋଇ ଯାଇଥାଏ। ଗାଁର ମହିଳାମାନେ ରଙ୍ଗମାଟିରେ ଘର ଲିପାପୋଛା କରି ଝୋଟି, ଚିତା ପକାଇଥାନ୍ତି । ପୂଜା ଦିନ ସମସ୍ତ ପରିବାର ନୂଆବସ୍ତ୍ର ପରିଧାନ କରନ୍ତି। ଲାଠିଗୁଡିକ ପୂଜାମଣ୍ଡ ନିକଟରେ ପଂଞ୍ଚିବା ପରେ ଗାଁ ପୂଜାରୀ ପ୍ରଦୀପ କୁମାର ଧାରୁଆ, ବୁଦ୍ରା ଧାରୁଆ, ବିଶ୍ୱନାଥ ଦୁରୁଆ ନିମନ୍ତ୍ରଣ କରି ପୂଜାମଣ୍ଡପକୁ ପାଛୋଟି ନେଇ ପ୍ରଥମେ କଳା କୁକୁଡା, କଳା ଛେଳି ବଳି ପକାଯିବାପରେ ଅନ୍ୟମାନେ ଭୋଗ ଚଢାଇଥାନ୍ତି। ମା'ଙ୍କ ଯାତ୍ରା ପାଇଁ ଆଲୁରମୁଠା ମାଲ୍ୟବନ୍ତ ପାହଡ ଉପରେ ଥିବା ମା'ଙ୍କ ବଡଭଉଣୀ ମା' କନକ ଦୁର୍ଗା ଓ ଭୀମରାଜଙ୍କ ପଥର ମୂର୍ତ୍ତିକୁ ପୂଜାକରି ଦୁଇଟି ବିମାନରେ ସଜାଇ ପାହଡ ତଳକୁ ଅଣାଯାଇ ମା' ମାଉଲିଙ୍କ ନିକଟରେ ସ୍ଥାପନ କରି ପୂଜା କରାଯାଇଥାଏ। ମା'ଙ୍କ ପୂଜା ପରେ ବଡଯାତ୍ରା ଆରମ୍ଭ ହୋଇଥାଏ। ଚାଲାଣଗୁଡା ସରପଞ୍ଚ ପୁଷ୍ପାରାଣୀ ପଡିଆମି,ପୂଜା କମିଟ ସଭାପତି ଇର୍ମା ପଡିଆମି, ଉପସଭାପତି ଅରକ୍ଷିତ ନାୟକ,ସମ୍ପାଦକ ଶ୍ୟାମ ପଡିଆମି, ମୁନା ମାଡକାମି,ପଦିଆ କବାସି, ଡମ୍ବୁ ଦୁରୁଆ, ପଦିଆ କବାସି,ପାଣ୍ଡୁଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ ।ରାତିରେ ଦେଶିଆ ନାଟ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମାଙ୍କ ଯାତ୍ରାରେ ୫ହାଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ଛାତ୍ରୀଛାତ୍ରମାନେ ନେତୃତ୍ୱ ନିଅନ୍ତୁ

## ମାଲକାନଗିରି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ମାଲକାନଗିରି, ୫।୨(ସ୍ୱ.ପ୍ର.)–** ମାଲକାନଗିରି ମହାବିଦ୍ୟାଳୟରେ ୪୦ତମ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଛି। ଅଧକ୍ଷ ଅଶୋକ କୁମାର ଷଡଙ୍ଗୀ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ବୟନ ଓ ହସ୍ତତନ୍ତ୍ର ମନ୍ତ୍ରୀ ପଦ୍ମିନୀ ଦିଆନ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ପାଠପଢିବା ସହିତ ଉତ୍ତମ ଚରିତ୍ର ଗଠନ ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ରୂପେ ମାଲକାନଗିରି ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ସନ୍ତୋଷ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ବିଧାୟକ ଆଦିତ୍ୟ ମାଢି, ଜିଲା ପରିଷଦ ଅଧକ୍ଷ ଦଶରଥ ପଡିଆମୀ, ପୂର୍ବତନ ଜିଲା ପରିଷଦ ଅଧକ୍ଷା ପଦ୍ମିନୀ ମୁଦୁଲି, ପୂର୍ବତନ ପୌରାଧକ୍ଷା ରାଜୱନ୍ତ କୌର, ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ସନ୍ତୋଷ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବ୍ୟକ୍ତିତ୍ୱର ବିକାଶ ସହିତ ଦେଶ ଗଠନରେ ସହାୟକ ହେବା ପାଇଁ କହି ସେମାନଙ୍କୁ ସମାଜର ପରିବର୍ତ୍ତନ ପାଇଁ ନେତୃତ୍ୱ ନେବାକୁ ପରାମର୍ଶ ଦେଇଥିଲେ। ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ କାର୍ଯ୍ୟକ୍ରମ ପାଣ୍ଠିରେ ନିର୍ମିତ ଅତିରିକ୍ତ ଶ୍ରେଣୀଗୃହ ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଛାତ୍ରସଂସଦ ଉପଦେଷ୍ଟା ଅଧାପକ ଡ. ରଞ୍ଜନ କୁମାର ସ୍ୱାଇଁ ସ୍ୱାଗତ ସୂଚନା ସହ ଅତିଥି ପରିଚୟ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ସହ ଉପଦେଷ୍ଟା ଅଧାପକ ଗୌତମ କୁମାର ନାୟକ ଧନ୍ୟବାଦ ଦେଇଥିଲେ ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

**ପୂର୍ବ ତଟ ରେଳପଥ**

**ଇଂଜିନିୟରିଂ କାର୍ଯ୍ୟ**

ଟେଣ୍ଡର ବିଜ୍ଞପ୍ତି ସଂ. 13/ET/SBP/ENGG/2019-20, ତା: 30.01.2020

1) ଇ-ଟେଣ୍ଡର ବିଜ୍ଞପ୍ତି ସଂ.43-eT-SDENE-SBP-19
**କାର୍ଯ୍ୟର ନାମ :** ସମ୍ପୂର୍ଣ୍ଣ ପ୍ଲାଟଫର୍ମ ଲମ୍ବକୁ କଭର କରିବା ନିମନ୍ତେ ବଲାଙ୍ଗୀର (ପ୍ଲାଟଫର୍ମ ନଂ.1, ପ୍ଲାଟଫର୍ମ ନଂ.2 ଏବଂ 3) ଠାରେ ଅତିରିକ୍ତ ପ୍ଲାଟଫର୍ମ ସେଲ୍ଟରଗୁଡ଼ିକର ବ୍ୟବସ୍ଥା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹4,98,41,006.34, EMD (ଟଙ୍କାରେ):₹ 3,99,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 10,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ)ମାସ ।

2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 13-eT-BRIDGE-SBP-19
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଝାରସୁଗୁଡ଼ା-ବରଗଡ଼ ସେକ୍ସନରେ ପ୍ଲେଟ ଗର୍ଡ଼ର ବ୍ରିଜ: ବ୍ରିଜ ନଂ.76, 26, 44A, 53, 53A, 58, 62, 67 (ସ୍ପାନ୍ 1 ରୁ 5), 69, 92, 116, 137 ଏବଂ 160 ରେ ସାଇଡ୍ ପାଥୱେର ବ୍ୟବସ୍ଥା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹1,76,95,606.07, EMD (ଟଙ୍କାରେ):₹ 2,38,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ)ମାସ ।

3) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 14-eT-BRIDGE-SBP-19
**କାର୍ଯ୍ୟର ନାମ :** ସିନିୟର ସେକ୍ସନ ଇଂଜିନିୟର/ ବ୍ରିଜ/ସମ୍ବଲପୁର ପରିସୀମା ଅଧୀନସ୍ଥ ବ୍ରିଜ୍ ନଂ.7UP, 438, 406 ଏବଂ 26 ରେ ଗ୍ୟାଙ୍ଗ ପାଥ(Gang path)ର ପୁନଃସ୍ଥାପନ ସହିତ ଫଟା ରେଲ୍ ବିୟରର (Rail bearer) ଟପ୍ ଫ୍ଲେଞ୍ଜ ଆଙ୍ଗେଲ ଏବଂ ବ୍ରିଜ୍ ନଂ.293 DN, 331 DN ଏବଂ 406 ର ଅନ୍ୟ ଫଟା ମେମ୍ବରଗୁଡ଼ିକର ପୁନଃସ୍ଥାପନ, ବ୍ରିଜ୍ ନଂ.7 UP & DN, 293 UP & DN ଏବଂ ବ୍ରିଜ୍ ନଂ.406 ର କ୍ରସ୍ ଗର୍ଡ଼ରଗୁଡ଼ିକରେ କରୋଜନ ଗାର୍ଡ ଲଗାଇବା ତଥା ଅନ୍ୟ ସମ୍ପର୍କିତ କାର୍ଯ୍ୟ, ବ୍ରିଜ୍ ନଂ.247 DN, 239 DN, 195 SL ଏବଂ ବ୍ରିଜ୍ ନଂ.363 DN, 347 ର ବେଡ୍ ବ୍ଲକ୍ (Bed block)ର ଢିଲା ରିଭେଟ୍ (Loose Rivets)ଗୁଡ଼ିକର ମରାମତି, ସେକେଣ୍ଡ ହ୍ୟାଣ୍ଡ ରିଲିଜ୍‌ଡ ରିଭେଟେଡ୍ ଗର୍ଡ଼ର (ରେଙ୍ଗାଲି ଷ୍ଟେସନଠାରେ ଉପଲବ୍ଧ 1X12.2m, PG, Drg. No.RDSO/BA-11073) ସହିତ କ୍ଷତିଗ୍ରସ୍ତ ୱେଲ୍ଡେଡ୍ ଗର୍ଡ଼ରଗୁଡ଼ିକର ସ୍ଥାନାନ୍ତରଣ ଦ୍ୱାରା ସମ୍ବଲପୁର ଷ୍ଟେସନଠାରେ ବ୍ରିଜ୍ ନଂ.67(L-1, 1X12.20m) ର ମରାମତି ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹67,51,259.75, EMD (ଟଙ୍କାରେ):₹ 1,35,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ)ମାସ ।

4) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 37-eT-DENW-SBP-19
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଟିଟିଲାଗଡ଼ ଷ୍ଟେସନଠାରେ ଅତିରିକ୍ତ ପ୍ଲାଟଫର୍ମ ସେଲ୍ଟର (2bay, 06 ସଂଖ୍ୟକ)ଗୁଡ଼ିକର ବ୍ୟବସ୍ଥା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹2,37,73,242.30, EMD (ଟଙ୍କାରେ):₹ 2,68,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 10,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ)ମାସ ।

5) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 38-eT-DENW-SBP-19
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ପଏଣ୍ଟ/କ୍ରସିଙ୍ଗଗୁଡ଼ିକର ବିଫଳତା ଅବସରରେ ପଏଣ୍ଟ ଏବଂ ସିଗ୍ନାଲର ମ୍ୟାନିଙ୍ଗ୍ ସୁବିଧା ନିମନ୍ତେ ଆରଙ୍ଗ ମହାନଦୀ ଏବଂ ବେଲସୋଣ୍ଡା ଠାରେ କଂକ୍ରିଟ ପାଥୱେ ବ୍ୟବସ୍ଥା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹1,62,44,818.85, EMD (ଟଙ୍କାରେ):₹ 2,31,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ)ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) :** ତା.26.02.2020 ରିଖ 1500 ଘଣ୍ଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

**ଦ୍ରଷ୍ଟବ୍ୟ :** ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-695/K/19-20

# ଧାନ ନ କିଣିବାରୁ ରାସ୍ତାରୋକୋ କଲେ ଚାଷୀ

**ଖଇରପୁଟ,୫।୨(ଡି.ଏନ.ଏ.)**

- ବାଟରେ ଅଟକି ରହିଲେ ବିଧାୟକ, ଜିଲାପାଳ
- ଅଘଟଣ ଆଶଙ୍କାରେ ପୋଲିସ ନିୟୋଜିତ
- ପ୍ରଶାସନର ପ୍ରତିଶ୍ରୁତି: ଖୁବ୍ ଶୀଘ୍ର ଧାନ କିଣାଯିବ


ଧାନବସ୍ତା ରଖି ଚାଷୀମାନେ ରାସ୍ତାରୋକୋ କରିଛନ୍ତି ।

ମାଲକାନଗିରି ଜିଲା ଖଇରପୁଟ ବ୍ଲକରେ ଚାଷୀ ଅସନ୍ତୋଷ ଦେଖାଦେଇଛି। ଫଳରେ ବୁଧବାର ସେମାନେ ରାସ୍ତା ଅବରୋଧ କରି ପ୍ରତିବାଦ ଜଣାଇଛନ୍ତି। ବ୍ଲକର ଚାଷୀମାନେ ମଣ୍ଡିକୁ ଧାନ ଦୀର୍ଘଦିନ ହେଲା ଆଣିଥିଲେ ମଧ୍ୟ ପ୍ରଶାସନ ଏଯାଏ ଧାନ କ୍ରୟ କରିନାହିଁ। ଚାଷୀ ମଙ୍ଗରାଜ ପୂଜାରୀ, ପି.ରାମରାଓ, ସଦନ ଦୋରା, ରାଜେନ୍ଦ୍ର ସୁଗ୍ରୀ, ଗୌର ସୁଗ୍ରୀ, ମଙ୍ଗରାଜ ଖରା, ମନଜ ମାଳି, ଗୁପ୍ତେଶ୍ୱର ବ୍ରହ୍ମା, ସମରା ଗୁଡେଇ, ଶ୍ରୀନିବାସ ମୁଦୁଲି, ରଘୁରାମ କିଛିପାଡ଼ିଆ ପ୍ରମୁଖଙ୍କ ନେତୃତ୍ୱରେ ଚାଷୀମାନେ ମଧ୍ୟାହ୍ନ ୧ଟାରେ ଧାନ ବସ୍ତାକୁ ଗୋବିନ୍ଦପଲି ଆରଏମସି ଫାଟକ ରାସ୍ତା ଉପରେ ରଖି ରାସ୍ତାରୋକୋ କରିଥିଲେ। ପାଞ୍ଚ ଘଣ୍ଟା ପରେ ପ୍ରଶାସନ ଏକ ସପ୍ତାହ ଭିତରେ ସେମାନଙ୍କ ଧାନ କ୍ରୟ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ପରେ ରାସ୍ତା ଅବରୋଧରୁ ଚାଷୀମାନେ ଓହରି ଯାଇଥିଲେ। ଏହି ସମୟରେ ମାଲକାନଗିରି ଜିଲାପାଳ କୋରାପୁଟ ଯାଉଥିବା ବେଳେ ରାସ୍ତା ଅବରୋଧ ଯୋଗୁ ସନ୍ଧ୍ୟା ପର୍ଯ୍ୟନ୍ତ ବନ ବିଭାଗ ବଙ୍ଗଳାରେ ଅଟକି ରହିଥିଲେ। ମାଲକାନଗିରି ବିଧାୟକ ଆଦିତ୍ୟ ମାଢି ମଧ୍ୟ ଅଟକି ରହିଥିଲେ। ମାଥିଲି ଥାନା ଅଧିକାରୀଙ୍କ ନେତୃତ୍ୱ ପୋଲିସ କର୍ମଚାରୀ ନିୟୋଜିତ ଥିଲେ। ରାସ୍ତା ଅବରୋଧ ଯୋଗୁ ଉଭୟ ପାର୍ଶ୍ୱରେ ବହୁ ଗାଡିମୋଟର ଅଟକି ରହିଥିଲା।

## ସଂକ୍ଷେପରେ

### ଖୋଲିଲା ଇ-ଷ୍ଟାମ୍ପିଙ୍ଗ କାଉଣ୍ଟର

ରାୟଗଡ଼ା ଅଫିସ, ୫।୨-ରାୟଗଡ଼ା ଜିଲା ସବ୍ ରେଜିଷ୍ଟର ପରିସରରେ ଏକ ଇ-ଷ୍ଟାମ୍ପିଙ୍ଗ ବିକ୍ରୟ କେନ୍ଦ୍ର ବୁଧବାର ଖୋଲାଯାଇଛି। ରାୟଗଡ଼ା ସବ୍ ରେଜିଷ୍ଟ୍ରାର ପ୍ରତାପ ଚନ୍ଦ୍ର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି। ଜମିଜମା କ୍ରୟ ବିକ୍ରୟ କରିବା ସମୟରେ ଏହି ଇ-ଷ୍ଟାମ୍ପିଙ୍ଗ ବ୍ୟବସ୍ଥା ଲୋକମାନଙ୍କୁ ସୁବିଧା ଯୋଗାଇବା ସହ ରାଜସ୍ୱ ଆଦାୟରେ ସ୍ୱଚ୍ଛତା ଆଣିବ ବୋଲି ମତ ପ୍ରକାଶ ପାଇଛି। ସେହିପରି ଗୋଟିଏ ପୃଷ୍ଠାରେ ଅଧିକ ଅର୍ଥର ଷ୍ଟାମ୍ପ ଲାଗିପାରିବ। ସହଜରେ ଏହି ଷ୍ଟାମ୍ପର ନକଲ କରାଯାଇପାରିବ ନାହିଁ। ଦେଶର ୨୧ ଟି ରାଜ୍ୟରେ ଇ-ଷ୍ଟାମ୍ପିଙ୍ଗ ବ୍ୟବସ୍ଥା କରାଯାଇଛି। ଓଡ଼ିଶାରେ ରାୟଗଡ଼ାକୁ ମିଶାଇ ୨୩ଟି ସ୍ଥାନରେ ଏହାର ବିକ୍ରୟ କେନ୍ଦ୍ର ଖୋଲାଯାଇଛି। ଇ-ଷ୍ଟାମ୍ପିଙ୍ଗ ବ୍ୟବସ୍ଥାର ଏରିଆ ମ୍ୟାନେଜର ବିପିନ ବିହାରୀ ସାହୁ, କଟକ ଶାଖା ପ୍ରବନ୍ଧକ ଅକ୍ଷୟ କୁମାର ଚାନ୍ଦ, କାର୍ଯ୍ୟନିର୍ବାହୀ ପରିଚାଳକ ବିଭୁପ୍ରସାଦ ଭୂତିଆଙ୍କ ଉଦ୍ୟମରେ ରାୟଗଡ଼ାରେ ଏହି କେନ୍ଦ୍ର ଖୋଲାଯାଇଛି।

### ଏକାଦଶୀରେ ଅଷ୍ଟପ୍ରହର ନାମଯଜ୍ଞ



ଗୁଣପୁର,୫।୨(ଡି.ଏନ୍.ଏ.)- ଭୀଷ୍ମ ଏକାଦଶୀ ଉପଲକ୍ଷେ ବୁଧବାର ରାୟଗଡା ଜିଲା ଗୁଣପୁରର ବିଭିନ୍ନ ମନ୍ଦିରରେ ଭକ୍ତଙ୍କ ଭିଡ଼ ହୋଇଥିଲା। ଜଗନ୍ନାଥ, ଲକ୍ଷ୍ମୀ ନାରାୟଣ ଏବଂ ରାଧାକୃଷ୍ଣ ମନ୍ଦିର ଯାଇ ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରିଥିଲେ। କୋର୍ଟ ନିକଟ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ଅଷ୍ଟପ୍ରହର ନାମ ଯଜ୍ଞ କରାଯାଇଛି। ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମୁନିଗୁଡ଼ାରେ ପାଗଳା କୁକୁର ଆତଙ୍କ

ମୁନିଗୁଡ଼ା, ୫।୨(ଡି.ଏନ୍.ଏ.)

- ମୁନିଗୁଡ଼ା ବ୍ଲକ ସଦର ଅଞ୍ଚଳରେ ସପ୍ତାହେ ହେବ ପାଗଳା କୁକୁର ଆତଙ୍କ ଦେଖାଦେଇଛି। କୁକୁରଟି ବିଭିନ୍ନ ସମୟରେ ଲୋକମାନଙ୍କୁ ଗୋଡାଉ ଥିବାବେଳେ ୩ଜଣଙ୍କୁ କାମୁଡ଼ି ଆହତ କରିଛି। ବୋଝ ଉପରେ ନଳିତା ବିଡା ଭଳି ସହରରେ କୁକୁର କାମୁମଡ଼ା ଇଞ୍ଜେକ୍ସନ ମିଳୁନି। ଏ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ଶିବ ଡାକୁଆ(୨୫) ଘରକୁ ଯାଉଥିବା ବେଳେ କୁକୁରଟି ତାଙ୍କୁ କାମୁଡ଼ି ଦୌଡ଼ି ପଳାଇଥିଲା। ଏହାର ଦୁଇଘଣ୍ଟା ପରେ ବ୍ୟବସାୟୀ ଦାରୁବ୍ରହ୍ମ ସୁବୁଦ୍ଧି(୪୧)ଙ୍କୁ କାମୁଡ଼ି ଥିଲା। ସପ୍ତାହକ ତଳେ ଜଣେ ବୃଦ୍ଧଙ୍କୁ ମଧ କୁକୁରଟି କାମୁଡି ଥିଲା। ସେ ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରୁ କୁକୁର କାମୁଡ଼ା ଇଞ୍ଜେକ୍ସନ ନେଉଛନ୍ତି। ସହରରେ ଏହି ଇଞ୍ଜେକ୍ସନ ମିଳୁ ନ ଥିବାରୁ ଲୋକେ ଖର୍ଚ୍ଚାନ୍ତ ହୋଇ ୭୦କି.ମି. ଦୂର ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରୁଛନ୍ତି। ତୁରନ୍ତ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏହି ଇଞ୍ଜେକ୍ସନ ଯୋଗାଇବାକୁ ଦାବି ହୋଇଛି।

# ‘ଆଦିବାସୀ ପିଲାଙ୍କ ଶିକ୍ଷାକୁ ଗୁରୁତ୍ୱ ଦେଉଛନ୍ତି ସରକାର’

କୋଲନରା/ବିଷମକଟକ, ୫।୨ (ଡି.ଏନ୍.ଏ.)



କୋଲନରାରେ ଅନୁଷ୍ଠିତ ଶିବରରେ ଯୋଗ ଦେଇଥିବା ସ୍ଥାନୀୟ ଲୋକ।

- କୋଲନରା, ବିଷମକଟକରେ ସମ୍ପର୍କ ଶିବିର
- ହିତାଧିକାରୀଙ୍କୁ ମିଳିଲା ଭତ୍ତା, ପଟ୍ଟା
- ଅଙ୍ଗନୱାଡି କେନ୍ଦ୍ରକୁ ସିଲିଣ୍ଡର, ଗ୍ୟାସ ଚୁଲା

ରାୟଗଡ଼ାର କୋଲନରା ଓ ବିଷମକଟକରେ ବୁଧବାର ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଛି। ଉଭୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅନୁସୂଚିତ ଜାତି, ଜନଜାତି କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ବିଭିନ୍ନ ସରାକରୀ ଯୋଜନା ଉପରେ କହିଥିଲେ। ସରକାର ଆଦିବାସୀ ଛାତ୍ରୀଛାତ୍ରଙ୍କ ଶିକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି। ସେଥିପାଇଁ ବିଭିନ୍ନ ସ୍ଥାନରେ ହଷ୍ଟେଲ ନିର୍ମାଣ କରାଯାଇ ପିଲାମାନଙ୍କଚ ମାଗଣା ପାଠ୍ୟ ପୁସ୍ତକ, ସ୍କୁଲ ପୋଷାକ, ଖାଦ୍ୟ ପ୍ରଦାନ ଦିଆଯାଉଛି। ଏଥିସହ ଗୁଣାତ୍ମକ ଶିକ୍ଷା ପାଇଁ ବିଭିନ୍ନ ସ୍ଥାନରେ ଶିକ୍ଷକ ନିଯୁକ୍ତ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

ରାୟଗଡ଼ା ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା ଆନୁକୂଲ୍ୟରେ ୫-ଟି ଅଧୀନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କୋଲନରା ପଞ୍ଚାୟତ ସମିତି ଅଧ୍ୟକ୍ଷା ଗୀତା କଣ୍ଡାଗରୀ, ଉପାଧ୍ୟକ୍ଷ ତେଜରାଜ ବାଗ, ଜିଲା ପରିଷଦ ସଭ୍ୟ ‘କ’ ସୋମି ହିମିରିକା, ‘ଖ’ ଆଶୁତୋଷ କିଲାକା, ପିଏ.ଆଇଟିଡିଏ ଟୁକୁ ବାରିକ, ଜିଲା ମଙ୍ଗଳ ଅଧିକାରୀ ନନ୍ଦଲାଲ ବିଶ୍ୱାଳ, ସରକାରୀ ଓକିଲ ବ୍ରଜ ସୁନ୍ଦର ନାୟକ, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, କୋଲନରା ବିଡ଼ିଓ ତାପସ ଭୋଇ ଯୋଗଦେଇଥିଲେ। ଏବିଡିଓ କେ. ଶିବ ଗୋପାଳ ରାଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ହିତାଧିକାରୀଙ୍କୁ ମନ୍ତ୍ରୀ ଭତ୍ତା ଓ ପଟ୍ଟା ଦେଇଥିବାବେଳେ ଅଙ୍ଗନୱାଡି କେନ୍ଦ୍ରକୁ ସିଲିଣ୍ଡର ଓ ଗ୍ୟାସ ଚୁଲା ପ୍ରଦାନ କରିଥିଲେ। ବିଭିନ୍ନ ବିଭାଗ ପକ୍ଷରୁ ୧୨ଟି ଷ୍ଟଲ ଖୋଲାଯାଇଥିଲା। କୋଲନରା ବିଡ଼ିଓ ତାପସ ଭୋଇଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ କୋଲନରା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସିଦ୍ଧାର୍ଥ କୁମାର ପଟ୍ଟନାୟକ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପଦ୍ମଚରଣ ପାଢ଼ୀ, ବିଏସ୍‌ଏସ୍‌ଓ ଏସ୍.କେ. ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିପିଓ ଜି. ଗିରିଜା, ସହକାରୀ କୃଷି ଅଧିକାରୀ ସୁରଭି ମହାପାତ୍ର, ସମସ୍ତ ପିଇଓ କୋଲନରା ସରପଞ୍ଚ ମଞ୍ଜୁଳା ଉଲ୍ଲାକା, ସମିତି ସଭ୍ୟ ଇପିଲି ଇନ୍ଦୁ, ମହିଳା ମଣ୍ଡଳ ସଦସ୍ୟା ସମେତ ୨୦୦୦ରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ।

ଗୁଣପୁର ଆଇଟିଡିଏ ପକ୍ଷରୁ ବିଷମକଟକ ବ୍ଲକ ଅଧୀନ ଚାଟିକୋଣା ନିୟମଗିରି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ ଗୋରାଚାନ୍ଦ ଗମାଙ୍ଗ, ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ସିଡିପିଓ ଶୁସିଳା ଶବର ଅତିଥିଭାବେ ଯୋଗ ଦେଇଥିଲେ। ଏଠାରେ ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ ଖୋଲାଯାଇଥିଲା। ସମାଜ ମଙ୍ଗଳ ଅଧିକାରୀ ଶୁଭପ୍ରଦା ସାସମଲଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ଅଧ୍ୟବସାୟ ବଳରେ ମିଳିବ ସଫଳତା

ବିଷମକଟକ, ୫।୨(ଡି.ଏନ.ଏ.)

ହାମୁନିଗୁଡାସ୍ଥିତ ଶ୍ରୀ ରାମଚନ୍ଦ୍ର ସାହୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ସ୍କୁଲର ୩୬ତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନି ସନ୍ଧ୍ୟାରେ ଅନୁସୁଚିତ ଜାତି, ଜନଜାତି ଓ କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅଧ୍ୟବସାୟ ବଳରେ ଛାତ୍ରୀଛାତ୍ରମାନେ ସଫଳତା ପାଇପାରିବେ ବୋଲି ମନ୍ତ୍ରୀ କହିଥିଲେ। ସେ ଆମ ବିଦ୍ୟାଳୟ ପାଣ୍ଠିରୁ ସ୍କୁଲରେ ନିର୍ମିତ ଏକ ସଭାଗୃହ ଏବଂ ମଣ୍ଡପ ଉଦ୍‌ଘାଟନ କରିଥିଲେ। ବିଷମକଟକ ବିଇଓ ଜୟଚନ୍ଦ୍ର ପାଠୀ, ମୁନିଗୁଡା ବିଇଓ ରାଧାକାନ୍ତ ଛତରିଆ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପରିଡା ବାର୍ଷିକ ବିବରଣୀ ପାଠ କରିଥିଲେ। ବାର୍ଷିକ କ୍ରୀଡ଼ାର କୃତି ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟତ୍ରୀ ଶିକ୍ଷକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ

ବିଷମକଟକ, ୫।୨(ଡି.ଏନ.ଏ.)

ବିଷମକଟକ ସଦର ମହକୁମାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବରେ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଥମେ ବିଦ୍ୟାଳୟର କୁନିକୁନି ଛାତ୍ରମାନେ ପ୍ରାରମ୍ଭିକ ବନ୍ଦନା ଗାନ କରିଥିଲେ। ଗଣେଶ ମାଳି ମୁଖ୍ୟବକ୍ତା, ବିଦ୍ୟାଳୟ ପରିଚାଳନ କମିଟି ସଭାପତି ରାମଚନ୍ଦ୍ର ମିଣିଆକା, ସମ୍ପାଦକ ଆନନ୍ଦ ବେହେରା, ରବୀନ୍ଦ୍ର ନାଥ ପଣ୍ଡା, ପ୍ରଧାନ ଆଚାର୍ଯ୍ୟ ନିବେଦିତା ରାଉତ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ଗୁରୁଜୀ ସୁଦାମ ପ୍ରଧାନ ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ। ବାର୍ଷିକ ଉତ୍ସବ ପାଇଁ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ସ୍କୁଲର ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଉପଜିଲାପାଳଙ୍କୁ ମହିଳା ଆଦିବାସୀ ସଂଘର ଦାବିପତ୍ର

ରାୟଗଡ଼ା ଅଫିସ, ୫।୨



ଦାବିପତ୍ର ଦେବାକୁ ଆସିଥିବା ମହିଳା ଆଦିବାସୀ ସଂଘ ଓ ଅମ୍ଳାଭଟା ଗ୍ରାମବାସୀ।

ସରକାରୀ ଜମିକୁ ନେଇ ବିବାଦ

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନ ପେଣ୍ଟା ପଞ୍ଚାୟତ ଅମ୍ଳାଭଟା ଛକରେ ଥିବା ଏକ ସରକାରୀ ଜମିକୁ ନେଇ ବିବାଦ ଦେଖାଦେଇଛି। ଏ ନେଇ ଅମ୍ଳାଭଟା ଗାଁର ମହିଳା ଆଦିବାସୀ ସଂଘ ପକ୍ଷରୁ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଅମ୍ଳାଭଟା ଛକରେ ଥିବା ଏକ ସରକାରୀ ଜମିରେ ଭୂମିହୀନ ଲୋକମାନେ କିଛି ମାସ ତଳ ରହୁଥିଲେ। କିନ୍ତୁ ରୟତ କଲୋନୀର ଜଣେ ମହିଳା ସେଠାରେ ଇଟା ଭାଟି କରିବାକୁ ଉକ୍ତ ଜମିକୁ ଲିଜ୍ ନେଇଥିବା କହି ସେମାନଙ୍କୁ ସେଠାରୁ ହଟିବାକୁ କହିଥିଲେ। ମହିଳା ଜଣଙ୍କ ଏ ନେଇ ଚାନ୍ଦିଲି ଥାନାରେ ଗ୍ରାମବାସୀଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ଏହାପରେ ପୋଲିସ ଓ ତହସିଲଦାର ସେଠାକୁ ଯାଇ ଉକ୍ତ ଜାଗାରେ କେହି ରହିପାରିବେ ନାହିଁ ବୋଲି କହିଥିଲେ। ଏହାପରେ ସେଠାରେ ଥିବା ଭୂମିହୀନମାନେ ଉକ୍ତ ଜାଗା ଛାଡି ଦେଇଥିବାବେଳେ କିଛିଦିନ ହେବ ରୟତ କଲୋନୀର ସମ୍ପୃକ୍ତ ମହିଳା ଓ ତାଙ୍କ ପରିବାର ଏବେ ସେଠି ପରିବା ଚାଷ କରୁଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ତୁରନ୍ତ ଏ ନେଇ ପଦକ୍ଷେପ ନିଆଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ବେଳେ ହଳଧର ମିଶ୍ର, ସାନିଆ ମାଝି, ତ୍ରିଲୋଚନ ହିଆଲ, ପି . ମହେଶ ପ୍ରମୁଖ ଉପସ୍ଥିତ ଥିଲେ।

# ନିମନ୍ତ୍ରଣ ଦେବାକୁ ଯାଇ ଦୁର୍ଘଟଣାରେ ବର ଗୁରୁତର

ଲମତାପୁଟ,୫।୨(ଡି.ଏନ୍.ଏ.)

କୋରାପୁଟ ଜିଲା ଲମତାପୁଟ ବ୍ଲକ ମଣ୍ଡେଇପୁଟ ନିକଟରେ ବାଇକ ଦୁର୍ଘଟଣାରେ ଜଣେ ଗୁରୁତର ହୋଇଛନ୍ତି। ନନ୍ଦପୁର ବ୍ଲକ ବେଲଗାଁ ପଞ୍ଚାୟତ ଅନ୍ତର୍ଗତ ଛେଲିଆମୁଣ୍ଡା ଗ୍ରାମର ଅର୍ଜୁନ କିର୍ସାନିଙ୍କ ପୁଅ ବଳଭଦ୍ର କିର୍ସାନି (୨୫)ଙ୍କ ବାହାଘର ୨ ତାରିଖରେ ଥିଲା। ତେଣୁ ସେ ଲମତାପୁଟ ଅଞ୍ଚଳରେ ଥିବା ନିଜ ସମ୍ପର୍କୀୟଙ୍କୁ ନିମନ୍ତ୍ରଣ କାର୍ଡ ଦେବା ପାଇଁ ଆସିଥିଲେ। କାର୍ଡ଼ ଦେଇସାରି ସନ୍ଧ୍ୟାରେ ନିଜ ଗ୍ରାମକୁ ଗ୍ଲାମର ବାଇକ୍ (ଓଡି୧୦ ଡି ୮୫୨୦)ରେ ଫେରୁଥିଲେ। ସନ୍ଧ୍ୟା ୮ଟାରେ ଲମତାପୁଟରୁ ୬ କିମି ଦୂର ମଣ୍ଡେଇପୁଟରେ ଦୁର୍ଘଟଣା ଘଟି ଗୁରୁତର ଆହତ ହୋଇ ପଡ଼ିରହିଥିଲେ। ଲମତାପୁଟ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଗୁରୁତରଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପରେ ତାଙ୍କୁ ଆଶା କିରଣ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଛି।

# ବସ୍‌ରୁ ମିଳିଲା ୨୮ କେଜି ଗଞ୍ଜେଇ: ଜଣେ ଗିରଫ



ଗିରଫ ଅଭିଯୁକ୍ତଙ୍କ ସହ ଜବତ ଗଞ୍ଜେଇ ।

ପଦ୍ମପୁର, ୫।୨ (ଡି.ଏନ୍.ଏ.)

ଗୁଣପୁରରୁ-ବ୍ରହ୍ମପୁର ଯାଉଥିବା ‘ଗାନ୍ଧୀ’ ବସରୁ ରାୟଗଡ଼ା ଜିଲା ପଦ୍ମପୁର ପୋଲିସ ୨୮କେଜି ଗଞ୍ଜେଇ ଜବତ କରିଛି। ପଦ୍ମପୁର ବ୍ଲକ ମିଲିକାପାଙ୍ଗା ଗାଁର ମସେସ୍ ବନ୍ଧନ(୧୮)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାସ୍ଥଳରୁ ଆଉ ଜଣେ ଯୁବକ ଫେରାର ରହିଛନ୍ତି। ବସ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ପଦ୍ମପୁର ପୋଲିସ ଖବର ପାଇଥିଲା। ବସ୍‌ଟି ସୁନାରିଘାଇ ଛକ ନିକଟରେ ପହଞ୍ଚିବା ପରେ ପୋଲିସ ତାହାକୁ ଅଟକାଇ ଯାଞ୍ଚ କରିଥିଲା। ଏହି ସମୟରେ ମସେସ୍‌ଙ୍କଠାରୁ ପୋଲିସ ଗଞ୍ଜେଇ ପାଇଥିଲା। ଘଟଣାସ୍ଥଳରୁ ମସେସ୍‌ଙ୍କ ଆଉ ଜଣେ ସାଥୀ ଚମ୍ପଟ ମାରିଥିଲେ। ଏ ନେଇ ପଦ୍ମପୁର ଥାନାରେ ୧୦/୨୦ରେ ପୋଲିସ ଏକ ମାମଲା ରୁଜୁ କରିଛି।

# ପରୀକ୍ଷା କେନ୍ଦ୍ରକୁ ଜଗିବ ସିସିଟିଭି

ରାୟଗଡ଼ା ଅଫିସ, ୫।୨

ଜିଲାରେ ମାଟ୍ରିକ ପରୀକ୍ଷା ପ୍ରସ୍ତୁତି

- ଚଳିତ ବର୍ଷ ପରୀକ୍ଷା ଦେବେ ୧୧,୨୦୬ ଛାତ୍ରୀଛାତ୍ର
- ୧୧ଟି କେନ୍ଦ୍ରକୁ ନୋଡ଼ାଲ ସେଣ୍ଟରଭାବେ ଚୟନ କରାଯାଇଛି
- ୧୮ ଟି ପରୀକ୍ଷା କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା

ଆସନ୍ତା ୧୯ ତାରିଖରୁ ସାରା ରାଜ୍ୟରେ ଆରମ୍ଭ ହେବାକୁ ଯାଉଛି ମାଟ୍ରିକ ବୋର୍ଡ଼ ପରୀକ୍ଷା। ଏନେଇ ଜିଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟ ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରାୟଗଡ଼ା ଜିଲାରେ ପ୍ରାୟ ୧୧,୨୦୬ ଜଣ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେବେ। ସେଥିପାଇଁ ଜିଲାରେ ୪୮ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ସେଥିମଧ୍ୟରୁ ୧୦,୪୯୨ଜଣ ରେଗୁଲାର ପରୀକ୍ଷାର୍ଥୀ ରହିଛନ୍ତି। ପୂର୍ବରେ ଦୁଇଟି ସିଟିଙ୍ଗରେ ପରୀକ୍ଷା କରାଯାଉଥିଲା। କିନ୍ତୁ ବର୍ତ୍ତମାନ ଗୋଟିଏ ସିଟିଙ୍ଗ ରେ ହିଁ ପରୀକ୍ଷା କରାଯିବ। ରାୟଗଡ଼ାର ଜିସିଡି ହାଇସ୍କୁଲ , କାଶୀପୁର ସରକାରୀ ଉଚ୍ଚ ବିଦ୍ୟାଳୟ, କଲ୍ୟାଣସିଂହପୁର ହାଇସ୍କୁଲ, କୋଲନରାର ଜଗଦମ୍ବା ହାଇସ୍କୁଲ, ବିଷମକଟକ ସରକାରୀ ଉଚ୍ଚ ବିଦ୍ୟାଳୟ, ମୁନିଗୁଡ଼ା ହାଇସ୍କୁଲ ,ଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ରାମନାଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ, ବି.ଏନ୍ ହାଇ ସ୍କୁଲ ପଦ୍ମପୁର, ସରକାରୀ ଉଚ୍ଚ ବିଦ୍ୟାଳୟ ଗୁଣୁପୁର, ସରକାରୀ ହାଇସ୍କୁଲ ଗୁଡ଼ାରୀକୁ ନୋଡ଼ାଲ ସେଣ୍ଟରଭାବେ ଚୟନ କରାଯାଇଛି। ୧୮ ଟି ସେଣ୍ଟରରେ ସିସିଟିଭି ବ୍ୟବସ୍ଥା କରାଯାଇଛି। ପରୀକ୍ଷା ସୁପରିଚାଳନା ପାଇଁ ଏକ ଟିମ୍ ଗଠନ କରାଯାଇଛି। ଏଥିପାଇଁ ୬ ଜଣ ସୁପରିଣ୍ଟେଣ୍ଡେଣ୍ଟ, ଜଣେ ଚେକର ମେକର ଏବଂ ଜଣେ ଜିଲା ବିଜ୍ଞାନ ନିରୀକ୍ଷକଙ୍କୁ ତାଲିମ ପାଇଁ ବ୍ରହ୍ମପୁର ପଠାଯିବ ବୋଲି ସୂଚନା ମିଳିଛି। ନୋଡ଼ାଲ କେନ୍ଦ୍ର ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଏସ୍‌ପି ସର୍ବଣା ବିବେକ ଏମ୍‌ଙ୍କୁ ଏକ ପତ୍ର ପ୍ରଦାନ କରାଯାଇଛି। ଶୃଙ୍ଖଳାର ସହ ପରୀକ୍ଷା ପରିଚାଳନା ପାଇଁ ସମସ୍ତ କାର୍ଯ୍ୟ କରାଯାଉଛି। ପରୀକ୍ଷା କେନ୍ଦ୍ରରେ ଅବ୍ୟବସ୍ଥା ନିୟନ୍ତ୍ରଣ ପାଇଁ ଆଗାମୀ ଦିନରେ ଟାସ୍କଫୋର୍ସ ଗଠନ କରାଯିବ। ଆମେ ସମସ୍ତ ପ୍ରକାର ପ୍ରସ୍ତୁତ ଅଛୁ ବୋଲି ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହା କହିଛନ୍ତି।

# ସୁଇପରଙ୍କ ଆତ୍ମହତ୍ୟା

ବ୍ରହ୍ମପୁର ଅଫିସ,୫।୨

ଟାଉନ ଥାନା ଅନ୍ତର୍ଗତ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଥିବା ରୟାଲ ଲଜରେ ଜଣେ ସୁଇପର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ଆସ୍କାରୋଡ ଧାନମେରା ସାହିର ବୁଲୁ ବିଷୋୟୀ (୩୭)। ପୋଲିସ ବୁଧବାର ମୃତଦେହ ଜବତ କରି ନଂ.୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବୁଧବାର ପୋଲିସ ମୃତଦେହ ଜବତ କରି ସେଠାରେ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ଏମ୍‌କେସିଜିକୁ ପଠାଇଥିଲା। ବୁଲୁ ଋଣଗ୍ରସ୍ତ ଥିବାରୁ ଏଭଳି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଅନୁମାନ କରୁଛି। ସେପଟେ ଲଜ କର୍ତ୍ତୃପକ୍ଷଙ୍କ ଅତ୍ୟଧିକ ମାନସିକ ଚାପରୁ ବୁଲୁ ଆତ୍ମହତ୍ୟା କରିଥିଲେ ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି।

# ତହସିଲଦାରଙ୍କୁ ରିଲିଭ କଲେ ଜିଲାପାଳ

ଗୁଣପୁର,୫।୨(ଡି.ଏନ୍.ଏ.)

ରାୟଗଡା ଗୁଣପୁର ତହସିଲଦାର ନମ୍ରତା ମୋଦିଙ୍କୁ ଜିଲାପାଳଙ୍କୁ ରିଲିଭ କରିଛନ୍ତି। ତହସିଲଦାର ମୋଦି ଯାଜପୁର ଜିଲା ଡଙ୍ଗଡି ତହସିଲକୁ ବଦଳି ହୋଇ ଯାଇଛନ୍ତି। ତାଙ୍କ ସ୍ଥାନରେ କାହାରିକୁ ନିଯୁକ୍ତି ଦିଆଯାଇ ନ ଥିବାବେଳେ ଅତିରିକ୍ତ ତହସିଲଦାର ଲକ୍ଷ୍ମୀ ନାରାୟଣ ସାବତ ତହସିଲଦାର ଦାୟିତ୍ୱ ତୁଲାଇବେ ବୋଲି ସୂଚନା ମିଳିଛି।

# ୟୁ ଟ୍ୟୁବ୍‌ରେ ଲୋକପ୍ରିୟ ହେଉଛି ‘ଭ୍ରଷ୍ଟାଚାର’

ଗୁଣପୁର,୫।୨(ଡି.ଏନ.ଏ)

- ଜିରୋ କ୍ରିଏଶନର ଦ୍ୱିତୀୟ ଅବଦାନ
- ସମାଜକୁ ଦେଉଛି ଦୁର୍ନୀତି ବିରୋଧୀ ବାର୍ତ୍ତା

ଫିଲ୍ମ ‘ବଳିଦାନ’ର ସଫଳତା ପରେ ଗୁଣପୁରର ଯୁବଗୋଷ୍ଠୀ ଏବେ ‘ଭ୍ରଷ୍ଟାଚାର’ ନାମକ ଆଉ ଏକ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି। ଯାହାକି ୟୁ ଟ୍ୟୁବ୍‌ରେ ଏବେ ରିଲିଜ ହୋଇଛି। ହିନ୍ଦୀ ଭାଷାରେ ଏହି ଫିଲ୍ମକୁ ନିର୍ମାଣ କରାଯାଇଛି। ଗୁଣପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଏହାର ସୁଟିଂ ହୋଇଛି। ବର୍ତ୍ତମାନ ସମାଜରେ ଭ୍ରଷ୍ଟାଚାର କିଭଳି କାୟା ବିସ୍ତାର କରୁଛି ଓ ଏହାକୁ କିପରି ରୋକାଯାଇ ପାରିବ ସେ ସମ୍ପର୍କରେ ଏଥିରେ ବାର୍ତ୍ତା ଦେଇଛନ୍ତି ଯୁବପିଢି। ଜିରୋ କ୍ରିଏଶନ ପକ୍ଷରୁ ନିର୍ମିତ ଏହି ଫିଲ୍ମଟି ଏବେ ବେଶ୍ ଲୋକପ୍ରିୟ ହେବାରେ ଲାଗିଛି। ସ୍ଥାନୀୟ ଅଞ୍ଚଳର ୪୦ରୁ ଊର୍ଦ୍ଧ୍ୱ ଯୁବତୀ ଯୁବକ ମିଶି ମାତ୍ର ୨୨ ହଜାର ଟଙ୍କାରେ ଉକ୍ତ ଫିଲ୍ମ ନିର୍ମାଣ କରିଛନ୍ତି। ୪୮ ମିନିଟର ଏହି ଫିଲ୍ମର ଭିଡିଓଗ୍ରାଫି ଦ୍ୱାରିକା ନାଥ ପାଣିଗ୍ରାହୀ କରିଛନ୍ତି।




ଫିଲ୍ମ ଭ୍ରଷ୍ଟାଚାରର ପୋଷ୍ଟର।

# ରାସ୍ତା ଯୋଗୁ ବଦଳୁନି ଗାଁ ବିକାଶ ଚିତ୍ର

ଟିକିରି, ୫।୨(ଡି.ଏନ୍.ଏ.)

ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରି ପଞ୍ଚାୟତ ସେମିଳିଗୁଡା ଗାଁ। ନିକଟରେ ଏହି ଗାଁରୁ ଜଣେ ଯୁବକ ଓଏଏସ୍ ପାଇଛନ୍ତି। କିନ୍ତୁ ଏଠାକୁ ଯିବାକୁ ପକ୍କା ରାସ୍ତାଟିଏ ନାହିଁ। ଫଳରେ ଲୋକେ ଦୈନନ୍ଦିନ ଜୀବନରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁ ରାସ୍ତା ମରଣଯନ୍ତା ପାଲଟି ଥିବାରୁ ଏଠାକୁ ଭାଡ଼ିମୋଟର ଆସୁନି। ଲୋକେ ଚାଲିଚାଲି ନ ହେଲେ ସାଇକେଲରେ ଆ ଆସ କରୁଛନ୍ତି। ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ ସୁଫଳ ମିଳୁ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି।

ସେମିଳିଗୁଡା ଗାଁରେ ବିଭିନ୍ନ ସମ୍ପ୍ରଦାୟର ୧୪୦ ପରିବାରର ୫୦୦ରୁ ଅଧିକ ଲୋକ ବସବାସ କରୁଛନ୍ତି। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି ଗାଁକୁ ଆଜି ପର୍ଯ୍ୟନ୍ତ ରାସ୍ତାଟିଏ ନିର୍ମାଣ କରାଯାଇନାହିଁ। ଓଷାପଡା ଗାଁରୁ ପ୍ରାୟ ୧କିମି ରାସ୍ତା ଏବେ ଶୋଚନୀୟ ଅବସ୍ଥାରେ। ଏହି ରାସ୍ତାର ଏକାଧିକ ସ୍ଥାନରେ ବଡ ବଡ ଗାତ ହୋଇଛି। ବିଭିନ୍ନ ସ୍ଥାନରେ ରାସ୍ତା ଅଣଓସାରିଆ ରହିଛି। ଗାଁକୁ ଆଜି ପର୍ଯ୍ୟନ୍ତ କୌଣସି ଗାଡି ଆସିପାରୁନାହିଁ। ପ୍ରତିଦିନ ଗାଁ ଲୋକେ ଦୟନୀୟ ଅବସ୍ଥାରେ ଯାତାୟାତ କରୁଛନ୍ତି । ପକ୍କା ରାସ୍ତା ନ ଥିବାରୁ ଜରୁରୀ ସମୟରେ ଗାଁକୁ ଆମ୍ବୁଲାନ୍ସ ଆସିପାରୁନି। ଗୁରୁତର ରୋଗୀ ଓ ଗର୍ଭବତୀଙ୍କୁ ମେଡିକାଲ ନେବାକୁ ଲୋକେ ହଇରାଣ ହେଉଛନ୍ତି। ରୋଗୀଙ୍କୁ ସାଇକେଲ କିମ୍ବା ବାଇକରେ ବସାଇ ଓଷାପଡା ଗାଁ ପର୍ଯ୍ୟନ୍ତ ନେବା ପରେ ସେଠାରୁ ଗାଡିରେ ସେମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଉଛି। ରାସ୍ତା ପାଇଁ ଲୋକେ ବହୁବାର ବ୍ଲକ ଓ ଜିଲା ପ୍ରଶାସନକୁ ଜଣାଇବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ କିଛି ସୁଫଳ ମିଳନି। କୌଣସି ଅଧିକାରୀ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି ବୋଲି ଗାଁର ନରେନ୍ଦ୍ର ନାୟକ, ନାଗେଶ୍ୱର ନାୟକ, ଭୀମ ନାୟକ, ଅର୍ଜୁନ ମାଝି, ଶିବ ମାଝି ପ୍ରମୁଖ କହିଛନ୍ତି। ତଥାପି ଗାଁରେ ଆଜି ପର୍ଯ୍ୟନ୍ତ ବିକାଶ ଚିତ୍ର ବଦଳିପାରୁନାହିଁ। ଜିଲା ପ୍ରଶାସନ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ପକ୍କା ରାସ୍ତା ନିର୍ମାଣ କରନ୍ତୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ବିଡିଓ ବଳରାମ ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଗାଁ କୁ ରାସ୍ତା ନ ଥିବା ସମ୍ପର୍କରେ ତାଙ୍କ ପାଖରେ କୌଣସି ଅଭିଯୋଗ ନାହିଁ। ଏ ନେଇ ଆଜି ଅବଗତ ହେଲି। ଖୁବ୍ ଶୀଘ୍ର ଗାଁକୁ ରାସ୍ତା ନିର୍ମାଣ କରାଯିବ ବୋଲି ସେ କହିଛନ୍ତି।



ସେମିଳିଗୁଡ଼ା ଗାଁକୁ ଯାଇଥିବା ରାସ୍ତା।



ଅହଂଭାବଟି ତୁମକୁ ଟିକିଏ ଫୁଲେଇ ଦେଇପାରେ, କିନ୍ତୁ ତାହା ବୋଲି ତୁମକୁ ଉପରକୁ ଉଠାଇ ପାରିବ ନାହିଁ।
-ଜନ୍ ରସ୍‌କିନ୍



## ସଂକ୍ଷେପରେ



### ବାୟୋଡାଇଭରସିଟି ପରିଚାଳନା କମିଟି ସଭାପତି ହେଲେ ପ୍ରୀତିସ୍ମିଗ୍ଧା

**ନବରଙ୍ଗପୁର,୫।୨(ବି.ପ୍ର.):** ରାଜ୍ୟଜଙ୍ଗଲ ଓ ପରିବେଶ ବିଭାଗ ଚିଠି ଅନୁଯାୟୀ ଜିଲାପରିଷଦ ପକ୍ଷରୁ ଜିଲା ବାୟୋଡାଇଭରସିଟି ପରିଚାଳନା କମିଟି ଗଠନ କରାଯାଇଛି । ୨୫ ତାରିଖରେ ଜିଲାପରିଷଦର ଏକ ଜରୁରୀ ବୈଠକ ଡକାଯାଇ ଆଲୋଚନା କରାଯାଇଥିଲା। ଏଥିରେ ଜିଲାର ପରିବେଶ ଓ ଜଙ୍ଗଲ ସୁରକ୍ଷା, ବାୟୋଡାଇଭରସିଟ ସଂପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ବୈଠକରେ ଜିଲାର ଏମପି ,ସମସ୍ତ ବିଧାୟକ ଓ ଜଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଜିଲା ପରିଷଦର ୨୬ ଜଣ ସଦସ୍ୟାସଦସ୍ୟ ମଧ୍ୟରୁ ସର୍ବସମ୍ମତି କ୍ରମେ ୭ଜଣଙ୍କୁ ନେଇ ଜିଲା କମିଟି ଗଠନ କରାଯାଇଛି। କମିଟିର ସଭାପତିଭାବେ ପ୍ରୀତିସ୍ମିଗ୍ଧା ମହାପାତ୍ର ମନୋନୀତ ହୋଇଥିବାବେଳେ ସଦସ୍ୟାଭାବେ କାମିନୀ ହରିଜନ, ଚମ୍ପାବତୀ ମୁଦୁଲି ଓ ମମତା ଭତରା ଏବଂ ସଦସ୍ୟଭାବେ ବେଦବ୍ୟାସ ଭତରା, ଶ୍ୟାମ ସୁନ୍ଦର ମାଝୀ ଓ ପଦ୍ମନାଭ ପାଣ୍ଡେ ମନୋନୀତ ହୋଇଛନ୍ତି। ଏ ସମ୍ପର୍କରେ ଜିଲାପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ଜିଲାପାଳଅଜିତ କୁମାର ମିଶ୍ର ସରକାରୀ ନିର୍ଦ୍ଦେଶନାମା ଜାରି କରିଥିବାବେଳେ ଏହାର ନକଲ ଜିଲା ପଞ୍ଚାୟତ ଅଧିକାରୀ, ଜିଲାପରିଷଦର ଅଧକ୍ଷା ଓ ଉପାଧକ୍ଷାଙ୍କୁ ପଠାଯାଇଛି ।

### କୃଷକ ସମ୍ପର୍କ ମେଳା ପାଇଁ ବୈଠକ

**ଚନ୍ଦାହାଣ୍ଡି,୫।୨(ଡି.ଏନ.ଏ):** ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ କୃଷି ବିକାଶ ଓ ସହାୟକ କେନ୍ଦ୍ରଠାରେ ଆତ୍ମା ପକ୍ଷରୁ ବୁଧବାର କୃଷକ ସମ୍ପର୍କ ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସହକାରୀ କୃଷି ଅଧିକାରୀ ପ୍ରଶାନ୍ତ କୁମାର ବାଘ ଏଥିରେ ଅଧକ୍ଷତା କରିଥିଲେ। ବୈଠକରେ ଆତ୍ମା ଅଧକ୍ଷ ଗୌରହରୀ ନାୟକ, ସଭ୍ୟ ଦିଲୀପ ଦାସ, ଘେନୁ ସାହୁ, ଝୁମୁକି ସାହୁ, ତ୍ରିନାଥ ଦାଶ, ନିଳମଣି ଗୌଡ, ଜଗନ୍ନାଥ ସିହ୍ନା, ପର୍ଶୁରାମ ପଟ୍ଟନାୟକ, ସାବିତ୍ରୀ ସାଗର, କିଆଦେଇ ମାଝି, ନିଳେନ୍ଦ୍ରୀ ପୌଡ, ମୁକ୍ତା ଜାଲି ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ୨୨ ତାରିଖ ବୁଧବାର ମୋହରା ପଞ୍ଚାୟତ ଅନ୍ତର୍ଗତ ପୁଜାରୀଗୁଡା ଗ୍ରାମରେ ଏହି କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହେବ।

### ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ଚନ୍ଦାହାଣ୍ଡି,୫।୨(ଡି.ଏନ.ଏ):** ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସନ୍ଧିମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭୁଜବଳ ବିଶିଙ୍କ ଅଧକ୍ଷତାରେ ବିଦ୍ୟାଳୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ମସ୍ତୁରାମ ବଗର୍ତ୍ତିଙ୍କୁ ଉପଢୌକନ ଓ ଉପହାର ପ୍ରଦାନ କରାଯାଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ଦେବୀସରଣ ସାହୁ, ହେମଲାଲ ପୋଟା, ରାମେଶ୍ୱର ବାଘ, ନୃସିଂହ କେଉଁଟ, ରଶ୍ମିତା ସୁନାନୀ, ରାମଚରଣ କେଉଁଟ, ନିଳାଚଳ ନାୟକ, ଚୈନ ସିଂ ପ୍ରଧାନୀ, କୋକଳ ଶଗଡିଆ ପ୍ରମୁଖ ଯୋଗ ଦେଇଥିଲେ।

### କଥା ହେବା ଆଳରେ ସିକ୍ୟୁରିଟି ଗାର୍ଡଙ୍କ ମୋବାଇଲ ନେଇ ଛୁ

**ଉମରକୋଟ,୫।୨(ଡି.ଏନ.ଏ):** ନିଜକୁ ରୋଗୀଙ୍କ ସମ୍ପର୍କୀୟ ବୋଲି ପରିଚୟ ଦେଇ କଥା ହେବା ପାଇଁ ମୋବାଇଲ ମାଗିଲେ। ଆଉ ସୁଯୋଗ ଉଣ୍ଡି ମୋବାଇଲ ନେଇ ପଳାଇଲେ। ଏଭଳି ଲୁଟର ଶିକାର ହୋଇଛନ୍ତି ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ସିକ୍ୟୁରିଟି ଗାର୍ଡ। ସ୍ୱାସ୍ଥ୍ୟକେନ୍ଦ୍ର ରେ ଚାରିଆଡେ ସିସିଟିଭି ଲାଗିଥିବା ବେଳେ ଖୋଦ୍ ସୁରକ୍ଷା କର୍ମୀଙ୍କ ଠାରୁ ଦୁର୍ବୃତ୍ତ ସାହାଯ୍ୟ ମାଗି ଫୋନ ଧରି ଚମ୍ପଟ ମାରିଛନ୍ତି।

# ଚାକିରି ଦେବା ନାଁରେ ଠକେଇ

- ୩ ଜଣଙ୍କ ଠାରୁ ୧ଲକ୍ଷ ୪୦ହଜାର ଟଙ୍କା ନେଇଥିବା ଅଭିଯୋଗ
- ଅଭିଯୁକ୍ତ ଅଟକ

**ନବରଙ୍ଗପୁର, ୫।୨(ବି.ପ୍ର.)**

ଚାକିରି କରାଇ ଦେବା ନାଁରେ ଏକ ଲକ୍ଷ ୪୦ ହଜାର ଟଙ୍କା ଶରତ ଖଣ୍ଡପାଣି ଠକେଇ କରିଥିବା ନେଇ ନିଳାମ୍ବର ଦଣ୍ଡସେନା ବୁଧବାର ପାପଡାହାଣ୍ଡି ଥାନାରେ ଏତଲା ଦେଇଛନ୍ତି । ଏତଲାକୁ ଭିତ୍ତି କରି ପାପଡାହାଣ୍ଡି ପୋଲିସ ଶରତଙ୍କୁ ସନ୍ଧ୍ୟାରେ ଅଟକ ରଖି ପଚରାଉଚରା କରୁଛି । ତେବେ ଅଟକ ଜଣକ ତେନ୍ତୁଳିଖୁଣ୍ଟି ତହସିଲ କାର୍ଯ୍ୟାଳୟରେ କନିଷ୍ଠ କିରାଣୀ ଭାବେ କାର୍ଯ୍ୟ କରୁଥିବା ଜଣାପଡିଛି । ଏନେଇ ପାପଡାହାଣ୍ଡି ଥାନାରେ ନଂ. ୧୪/୨୦ରେ ମାମଲା ରୁଜୁ କରାଯାଇଛି।

ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ଅଧିନ ଘାଟଗୁଡା ଗାଁର ନିଳାମ୍ବର ଦଣ୍ଡସେନା (୩୫), ପୁଷ୍କର ଭତରା ଓ ହରିହର ଭତରାଙ୍କୁ ଚାକିରି କରାଇ ଦେବା ନାଁରେ ପାପଡାହାଣ୍ଡି ଗାଁର ଶରତ ଖଣ୍ଡପାଣି ଏକ ଲକ୍ଷ ୪୦ ହଜାର ଟଙ୍କା ନେଇଥିଲେ । ମାସକ ମଧ୍ୟରେ ଚାକିରି କରାଇ ଦେବେ ବୋଲି କହିଥିଲେ । ଟଙ୍କା ନେବାର ୧୮ ମାସ ବିତିଯାଇଥିଲେ ମଧ୍ୟ କୌଣସି ଚାକିରି ଦେଇ ନ ଥିଲେ। ଏପରିକି ସେମାନଙ୍କ ଟଙ୍କା ଫେରସ୍ତ କରି ନ ଥିଲେ। ଇତି ମଧ୍ୟରେ ନିଳାମ୍ବରଙ୍କୁ ଏକ ଚିଠି ଶରତ ଦେଇଥିଲେ। ଓପନ ସୋସିଓ ଇକୋନମି ସେଣ୍ଟର ଫର ଏଗ୍ରୀକଲଚର ଏଣ୍ଡ ରୁରାଲ ଡେଭଲପମେଣ୍ଟ ସଂସ୍ଥାର ଏକ ରସିଦ ନମ୍ବର ୫୭୩, ତାରିଖ ୨୦୧୮ ଜୁନ ୧୩ରେ ୨୫ ହଜାରଟଙ୍କା ଓ ଅଗଷ୍ଟ ୨୭ ତାରିଖରେ ୧୦ ହଜାରଟଙ୍କା ବ୍ୟାଙ୍କ ଜମା ରସିଦ ନିଳାମ୍ବରଙ୍କୁ ଦେଇଥିଲେ। ସେହିଭଳି ପୁଷ୍କରଙ୍କୁ ମଧ୍ୟ ରସିଦ ନମ୍ବର ୫୮୦ରେ ତାରିଖ ୨୦୧୮ ଅଗଷ୍ଟ ୨୨ ଉଲ୍ଲେଖ ଥିବା ୧୦ ହଜାର ଟଙ୍କାର ରସିଦ, ୦୭୬ ରସିଦ ନମ୍ବରରେ ୧ ହଜାର ଟଙ୍କା ନେଇଥିବା ରସିଦ ଦେଇଥିଲେ । ତେବେ ଏହା କେଉଁ ଉଦ୍ଦେଶ୍ୟରେ ଦିଆଯାଇଛି ତହାର କୌଣସି ସବିଶେଷ ତଥ୍ୟ ନାହିଁ । ଅନ୍ୟ ପକ୍ଷେ ନିଳାମ୍ବର, ପୁଷ୍କର ଓ ହରିହରଙ୍କ ଠାରୁ ନେଇଥିବା ୧ ଲକ୍ଷ ୪୦ ହଜାର ଟଙ୍କା ୧୮ ମାସ ହେବ ଶରତ ଫେରାଉ ନାହାନ୍ତି । ଏନେଇ ନିଳାମ୍ବର ଶରତଙ୍କୁ ଅନେକ ଥର ଟଙ୍କା ଫେରାଇ ଦେବାକୁ କହୁଥିଲେ ମଧ୍ୟ ବିଭିନ୍ନ ବାହାନା ଦେଖାଇ ଟଙ୍କା ଫେରାଉ ନଥିଲେ । ଏନେଇ ନିଳାମ୍ବର ପାପଡାହାଣ୍ଡି ଥାନାରେ ଏତଲା ଦେଇଥିଲେ । ଏତଲାକୁ ଭିତ୍ତି କରି ପାପଡାହାଣ୍ଡି ପୋଲିସ ଶରତଙ୍କୁ ଅଟକ ରଖିଛି । ଏସଆଇ ଅଶ୍ୱିନୀ ପଟ୍ଟନାୟକ ଘଟଣାର ତଦନ୍ତ କରୁଛନ୍ତି ।



ପାପଡାହାଣ୍ଡି ଥାନା ଅଧିକାରୀ ଅଭିଯୋଗକାରୀଙ୍କ ସହ ଆଲୋଚନା କରୁଛନ୍ତି।



ଡାକ୍ତରଖାନାରେ ଶିଶୁ ଚିକିତ୍ସିତ ହେଉଛି।

## ୮ ମାସର ଶିଶୁପୁତ୍ରକୁ ଚେଙ୍କ

**ଉମରକୋଟ,୫।୨(ଡି.ଏନ.ଏ)**

ରୋଗରେ ଆକ୍ରାନ୍ତ ଶିଶୁଙ୍କୁ ଚେଙ୍କ ନ ଦେବା ପାଇଁ ଲୋକମାନଙ୍କୁ ସଚେତନ କରାଯାଉଛି। କିନ୍ତୁ ଲୋକମାନେ ସଚେତନ ହେଉ ନାହାନ୍ତି। ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ପରିବାର ଲୋକ ଶିଶୁଙ୍କୁ ଡାକ୍ତରଖାନା ନେବା ପରିବର୍ତ୍ତେ ଦିଶାରୀ ଓ ଗୁଣିଆ ପାଖକୁ ନେଇ ଚେଙ୍କ ଚିକିତ୍ସା କରୁଛନ୍ତି। ଏଭଳି ଚେଙ୍କ ଚିକିତ୍ସା କରାଯାଇ ଏକ ୮ ମାସର ଶିଶୁପୁତ୍ରଙ୍କୁ ଗୁରୁତର ଅବସ୍ଥାରେ ନବରଙ୍ଗପୁର ଜିଲା ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଛତିଶଗଡ ରାଜ୍ୟ ମାଙ୍କଡି ପଞ୍ଚାୟତ ବଡଗାଁର ଶ୍ରୀରାମ ରାଠୋର ଓ ସଂଯୁକ୍ତାଙ୍କ ୮ ମାସର ଶିଶୁପୁତ୍ରକୁ କିଛି ଦିନ ତଳେ ଜ୍ୱର ହୋଇଥିଲା। ତେବେ ଡାକ୍ତରଖାନା ନେବା ପରିବର୍ତ୍ତେ ଜେଜେମା' କଟିଲାବାଇ ଗଣ୍ଡ ଶିଶୁପୁତ୍ର ପେଟରେ ୩ଟି ଚେଙ୍କ ଦେଇଥିଲେ। କିନ୍ତୁ ଶିଶୁପୁତ୍ରର ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିବାରୁ ଚିକିତ୍ସା ପାଇଁ ମା' ଓ ବାପା ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଏଠାରେ ଡାକ୍ତର ପରୀକ୍ଷା କରିବା ପରେ ଶିଶୁପୁତ୍ରଟି ନିମୋନିଆରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। ଶିଶୁକୁ ଚେଙ୍କ ଦିଆଯାଇଥିବା ମା' ଓ ବାପା କହିଛନ୍ତି।



ଡାକ୍ତର ବସନ୍ତ କୁମାର ଷଡଙ୍ଗୀଙ୍କୁ ମାନପତ୍ର ପ୍ରଦାନ କରାଯାଉଛି।

## କାକର ସେବା ସମ୍ମାନ ପାଇଲେ ଡାକ୍ତର ବସନ୍ତ କୁମାର ଷଡଙ୍ଗୀ

**ଚନ୍ଦାହାଣ୍ଡି, ୫।୨(ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ବସନ୍ତ କୁମାର ଷଡଙ୍ଗୀଙ୍କୁ କାକର ସେବା ସମ୍ମାନରେ ସମ୍ମାନିତ କରାଯାଇଛି। ଓଡିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ମୁକ୍ତାକାଶ ସାହିତ୍ୟ ଉତ୍ସବ କାକର କାର୍ଯ୍ୟକ୍ରମ କୋଷାଗୁମୁଡା ଓ ଛତିଶଗଡର ଚିତ୍ରକୋଟଠାରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିନରେ ନବରଙ୍ଗପୁରର କୋଷାଗୁମୁଡା ବ୍ଲକ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ବୁଲୁ ହୋତା, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଝରିଗାଁ ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ମାଝି, ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର, ବ୍ଲକ ଅଧକ୍ଷା ଗୀତାରାଣୀ ସମର୍ଥ, ଜିଲା ଓକିଲ ସଂଘ ସଭାପତି ନରସିଂହ ତ୍ରିପାଠୀ, ବିଡିଓ ସତ୍ୟନାରାୟଣ ମେହେର, ଡାକ୍ତର ମନୋଜ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଡା. ଷଡଙ୍ଗୀଙ୍କ ଓଡିଶାରେ ପ୍ରକାଶିତ ବିଭିନ୍ନ ପତ୍ରପତ୍ରିକାରେ ଆୟୁର୍ବେଦିକ ଔଷଧ ସମ୍ପର୍କରେ ବିଭିନ୍ନ ଲେଖା ସହ ଉତ୍ତମ ସ୍ୱାସ୍ଥ୍ୟସେବା, ବୈଜ୍ଞାନିକ ଚିନ୍ତାଧାରା ନେଇ ଲୋକଙ୍କୁ ସଚେତନ କରାଇବା, ଚେଙ୍କ ଗୁଣିଗାରେଡି ଆଦି ଅନ୍ଧବିଶ୍ୱାସକୁ ଦୂରିକରଣ କରିବା ଉଦ୍ୟମ ଜାରି ରଖି ସରକାରଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯୋଜନାକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇଥିଲା । ଏହା ପୂର୍ବରୁ ସେ ରାଜ୍ୟର ଅନେକ ଅନୁଷ୍ଠାନରୁ ମାନପତ୍ର ସହ ବହୁ ସମ୍ମାନର ଉତ୍ତରାଧିକାରୀ ହୋଇଛନ୍ତି ।

## ନାବାଳିକାକୁ ଅପହରଣ କରି ବିବାହ ଘଟଣା
### ଜେଲ ଗଲେ ଅଭିଯୁକ୍ତ ସ୍ୱାମୀ

**ରୂପ୍‌ସା,୫।୨(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ସାର୍ଥା ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରି ବିବାହ କରିଥିବା ଅଭିଯୋଗରେ ସିଂଲା ଥାନା ପୋଲିସ ଶୁକଦେବ ମଲିକ (୩୦)ଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁ ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି। ଅଭିଯୁକ୍ତ ଶୁକଦେବ ଉକ୍ତ ନାବାଳିକାଙ୍କୁ ଅପହରଣ କରି ଚନ୍ଦନେଶ୍ୱର ସ୍ଥିତ ଏକ ମନ୍ଦିରରେ ବିବାହ କରିଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ. ୨୮/୨୦) ରୁଜୁ କରି ତଦନ୍ତ ଜାରି ରଖିଥିଲା। ନାବାଳିକା ସ୍ତ୍ରୀକୁ ନେଇ ଶୁକଦେବ ମହାପଦା ଗାଁ ବାସଭବନରେ ରହୁଥିବା ଖବରପାଇ ଆଇଆଇସି ପ୍ରଶାନ୍ତ କୁମାର ଜେନା ସଦଳବଳ ଚଢ଼ାଉ କରିଥିଲେ। ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

## ସ୍ୱାଗତ, ବିଦାୟକାଳୀନ ସମ୍ବର୍ଦ୍ଧନା



ପୂର୍ବତନ ବିଡ଼ିଓଙ୍କୁ ବିଦାୟ ଓ ନୂତନ ବିଡ଼ିଓଙ୍କୁ ସ୍ୱାଗତ କରାଯାଉଛି।

**ଚନ୍ଦାହାଣ୍ଡି,୫।୨(ଡି.ଏନ.ଏ)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସଭାଗୃହଠାରେ ବୁଧବାର ପୂର୍ବତନ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହ ନୂତନ ଭାବେ ଯୋଗ ଦେଇଥିବା ଚନ୍ଦାହାଣ୍ଡି ବିଡିଓ ଧର୍ମରାଜ ମାଝିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଜିପିଇଓ ସୁରେନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନବରଙ୍ଗପୁର ଏମପିଙ୍କ ଜିଲା ପ୍ରତିନିଧି ପ୍ରମୋଦ ପାଢୀ, ଜିଲା ପରିଷଦ ସଭ୍ୟ ସନିନ୍ଦ୍ର ଶୋରୀ ଉପସ୍ଥିତ ଥିଲେ। ବିଡିଓ ଧର୍ମରାଜ ମାଝି ପୂର୍ବରୁ ଉମରକୋଟ ତହସିଲଦାର ଭାବେ କାର୍ଯ୍ୟ କରୁଥିବା ବେଳେ ପୂର୍ବତନ ବିଡିଓ ଦେବେନ୍ଦ୍ରଙ୍କୁ ବାଲେଶ୍ୱର ଜିଲାର ଖଇରା ବ୍ଲକକୁ ବଦଳି ହୋଇଥିବା ଜଣାପଡିଛି। ଏହି ଅବସରରେ ବିଡିଓ ବଳ କହିଥିଲେ ମୋ ଜୀବନର ପ୍ରଥମ ବ୍ଲକ ଭାବେ ଏଠାର କାର୍ଯ୍ୟ ଆରମ୍ଭ କରି ସମସ୍ତଙ୍କ ଭଲ ପାଇବା ମିଳିଥିବା ବେଳେ ମୁଁ ଏହାକୁ କେବେ ଭୁଲି ପାରିବି ନାହିଁ । ନୂତନ ଭାବେ ଯୋଗ ଦେଇଥିବା ବିଡିଓ ମାଝି ସମସ୍ତ ଲୋକ ପ୍ରତିନିଧି ଏବଂ କର୍ମଚାରୀଙ୍କ ସହ ମିଶି ବ୍ଲକର ବିକାଶ ପାଇଁ କାର୍ଯ୍ୟ କରିବି ବୋଲି କହିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ, ସରପଞ୍ଚ ଓ ସମିତି ସଭ୍ୟ ଯୋଗ ଦେଇଥିଲେ।

## ଆନ୍ତଃରାଜ୍ୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ଉମରକୋଟ,୫।୨(ଡି.ଏନ.ଏ)**

ଉମରକୋଟ ସ୍ଥିତ ରାମଲକ୍ଷ୍ମଣ ଇନଡୋର ଷ୍ଟାଡିୟମରେ ଶାନ୍ତିଲତା ମେମୋରିଆଲ ଆନ୍ତଃରାଜ୍ୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଜାନୁୟାରୀ ୩୦ରୁ ଆରମ୍ଭ ହୋଇ ଫେବୃୟାରୀ ୪ ତାରିଖ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା । ଏହି ଟୁର୍ନାମେଣ୍ଟରେ ସର୍ବମୋଟ ୫୮ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଦିବସରେ ଭେଟେରାନ ବିଭାଗରେ ନବରଙ୍ଗପୁର ଭାସ୍କର ରାଓଙ୍କ ଦଳ ଉମରକୋଟର ଅଶୋକ ସାହୁଙ୍କ ଦଳକୁ ୨-୧ ସେଟରେ ପରାସ୍ତ କରି ବିଜୟୀ ହୋଇଥିଲା। ବିଜୟୀ ଦଳକୁ ସିଲଡ ସହ ମାନପତ୍ର ଓ ୫,୫୫୫ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ରନର୍ସ ଦଳକୁ ୩,୩୩୩ ଟଙ୍କା ମାନପତ୍ର, ସିଲ୍ଡ ପ୍ରଦାନ କରାଯାଇଥିଲା। ସେହିଭଳି ୪୫ ବର୍ଷରୁ କମ ସାଧାରଣ ବର୍ଗର ଡବଲ୍ସ ଫାଇନାଲରେ ବଲାଙ୍ଗିରର ଅରବିନ୍ଦ ସାହୁଙ୍କ ଦଳ ନବରଙ୍ଗପୁରର ପି. ଚକ୍ରଧର ଦଳଙ୍କୁ ୨-୧ ସେଟରେ ହରାଇ ବିଜୟୀ ଲାଭ କରିଥିଲେ। ବିଜୟୀ ଦଳକୁ ୧୫,୫୫୫ ଟଙ୍କା ଓ ରନର୍ସ ଦଳକୁ ୧୧,୧୧୧ ଟଙ୍କା ଓ ମାନପତ୍ର , ସିଲଡ ପ୍ରଦାନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଜଜ ଅନୀଲ କୁମାର ଦତ୍ତ, ବରିଷ୍ଠ ଦେୱାନୀ ବିଚାରପତି ପ୍ରଶାନ୍ତ କୁମାର ବେହେରା, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ପୂର୍ବତନ ନଗରପାଳ ଝାଡେଶ୍ୱର ମହାନ୍ତି, ଓକିଲ ସଂଘର ସଭାପତି ପ୍ରଶାନ୍ତ କୁମାର ସାହୁ, ବରିଷ୍ଠ ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ, ରାମ ନାୟକ ଯୋଗ ଦେଇ କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶାନ୍ତିଲତା ସାହୁଙ୍କ ନାମରେ ଉତ୍ସର୍ଗୀକୃତ ଏହି ଟୁର୍ନାମେଣ୍ଟର ଆୟୋଜକ ଅଶୋକ ସାହୁ ଓ ତାଙ୍କ ସହଯୋଗୀମାନେ ଟୁର୍ନାମେଣ୍ଟର ସଫଳ ପାଇଁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।





ଅତିଥିମାନଙ୍କ ଗହଣରେ ଖେଳାଳିମାନେ।

## ରୋଡ ରୋମିଓଙ୍କ ବିରୋଧରେ ଏତଲା
### ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଲଗାତାର କରୁଥିଲେ ହଇରାଣ

**ନବରଙ୍ଗପୁର/ପାପଡାହାଣ୍ଡି, ୫।୨(ବି.ପ୍ର./ଡି.ଏନ.ଏ.)**

ଜଣେ ଦଶମ ଶ୍ରେଣୀ ଛାତ୍ରୀ ରାସ୍ତାରେ ଯିବା ବେଳେ ୨ ଜଣ ଛାତ୍ର ବିଭିନ୍ନ ସମୟରେ ତାଙ୍କୁ କମେଣ୍ଟ ମାରିବା ସହ ହଇରାଣ କରୁଥିଲେ। ଶେଷରେ ଛାତ୍ରୀଙ୍କ ବାପା ୨ ରୋଡ ରୋମିଓଙ୍କ ବିରୋଧରେ ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନାରେ ଏତଲା ଦେଇଛନ୍ତି।

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମକିଆ ଅଞ୍ଚଳର ଯୁକ୍ତ ୨ ପଢୁଥିବା ୨ ଜଣ ଛାତ୍ର ହାଇସ୍କୁଲରେ ପାଠ ପଢୁଥିବା ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଏକ ବର୍ଷ ହେଲା ରାସ୍ତାରେ ଜଗି ରହି ହଇରାଣ ହରକତ କରି ଆସୁଥିଲେ । ମଙ୍ଗଳବାର ଛାତ୍ରୀ ଜଣଙ୍କ ଜଣେ ସହପାଠିନୀଙ୍କ ସହ ମଧ୍ୟାହ୍ନରେ ବିଦ୍ୟାଳୟରୁ ବାହାରକୁ ଆସିଥିଲେ। ଏହି ସମୟରେ ଛାତ୍ରୀଙ୍କୁ ସେମାନେ ବିଭିନ୍ନ କମେଣ୍ଟ କରିଥିଲେ । ଛାତ୍ରୀ ଜଣଙ୍କ ଘଟଣା ସମ୍ପର୍କରେ ମାଆ ବାପାଙ୍କୁ ଜଣାଇଥିଲେ। ଛାତ୍ରୀଙ୍କ ପରିବାର ଲୋକ ଚାଇଲ୍ଡଲାଇନ ନମ୍ବର ୧୦୯୮କୁ ଡାଏଲ କରି ଜଣାଇଥିଲେ। ଚାଇଲ୍ଡଲାଇନର ସ୍ୱେଚ୍ଛାସେବୀ ଟଙ୍କ ଜାନୀ ଓ ରାମଚନ୍ଦ୍ର ସାହୁ ପାପଡାହାଣ୍ଡି ଥାନାକୁ ଜଣାଇଥିଲେ । ବୁଧବାର ଥାନାରେ ନାବାଳିକାଙ୍କ ବାପା ଏକ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଘଟଣା ଘଟିଥିବା ଅଞ୍ଚଳ କୋଡିଙ୍ଗା ଥାନା ଅଧିନରେ ବୋଲି ଜଣାପଡିଛି ।

## ଓଡିଶା ପୋଲିସ କନଷ୍ଟେବଲ ୨୦୦୨ ନବରଙ୍ଗପୁର ବ୍ୟାଚର ବନ୍ଧୁମିଳନ





ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ୨୦୦୨ ବ୍ୟାଚର କନଷ୍ଟେବଲ।

**ନବରଙ୍ଗପୁର,୫।୨(ବି.ପ୍ର.)**

ଓଡିଶା ପୋଲିସ କନଷ୍ଟେବଲ ନିଯୁକ୍ତି ପାଇଥିବା ୨୦୦୨ ମସିହା ବ୍ୟାଚର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଚରକ ବନ ନିକଟରେ ଅନୁଷ୍ଠିତ ହୋଇ ଯାଇଛି। ୨୦୦୨ ଜାନୁୟାରୀ ୭ ତାରିଖରେ ମଧ୍ୟରାତ୍ରୀରେ ପୋଲିସ ପଡିଆ ଠାରେ ତତ୍ କାଳିନ ଏସପି ସୁଶାନ୍ତ କୁମାର ନାଥ ଫଳାଫଳ ଘୋଷଣା କରି ୧୫ ତାରିଖରେ ଜିଲାରେ ୫୭ ଜଣଙ୍କୁ ନିଯୁକ୍ତି ଦେଇଥିଲେ । ୨୦୦୮ରେ ମାଲକାନଗିରି ଜିଲାରେ ସ୍ପେଶିଆଲ ଅପରେସନ ବେଳେ ଜଙ୍ଗଲରେ ମାଓବାଦୀଙ୍କ ଗୁଳିରେ ଆନନ୍ଦ ପଟ୍ଟନାୟକ ଶହୀଦ ହୋଇଥିଲେ। ସଦାଶିବ ମାଝୀ, ଦେବେନ୍ଦ୍ର ଭତରା, ପ୍ରମୋଦ ପଟ୍ଟନାୟକଙ୍କ ମୃତ୍ୟୁ ଘଟିଛି । ୨୦୦୨ ବ୍ୟାଚର ଜଣେ କନଷ୍ଟେବଲ ଏବେ ରିଜର୍ଭ ପୋଲିସ ଓ ଦୁଇ ଜଣ ଇନ୍ସପେକ୍ଟର, ଜଣେ ଏଏସଆଇ ପଦୋନ୍ନତି ପାଇଛନ୍ତି। ସେଥିମଧ୍ୟରୁ ଦୁଇଜଣ ବ୍ରହ୍ମପୁର ବଦଳି ହୋଇଛନ୍ତି । ୪ ଜଣ ହାବିଲଦାର ଥିବା ବେଳେ ଅନ୍ୟମାନେ ନବରଙ୍ଗପୁର ଜିଲାରେ କନଷ୍ଟେବଲ ଭାବେ କାର୍ଯ୍ୟରତ ।

## ଜମି ଅଧିଗ୍ରହଣ ପାଇଁ ଜନଶୁଣାଣି

**ନବରଙ୍ଗପୁର,୫।୨(ବି.ପ୍ର.)**

ନ ବ ର ଙ୍ଗ ପୁ ର - ରା ଜୋ ଡା - କୋଷାଗୁମୁଡା ରାସ୍ତା ଉନ୍ନତୀକରଣ ପ୍ରକଳ୍ପ ନିମନ୍ତେ ୦.୭୪ ଏକର ଜମି ଅଧିଗ୍ରହଣ ପାଇଁ ଜନଶୁଣାଣୀ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ପୌରପାଳିକା ୱାର୍ଡ ନଂ ୧୬ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ଏହି ଜନଶୁଣାଣୀ କାର୍ଯ୍ୟକ୍ରମକୁ ସି.ଇ.ଇ.ଆର.ଏ ନୟାଗଡ ପକ୍ଷରୁ ଆୟୋଜନ କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ନିମାଇଁ ଚରଣ ସୁତାର, ଉପ ଜିଲ୍ଲାପାଳ ଭାସ୍କର ରଇତୋ, ଜମି ଅଧିଗ୍ରହଣ ଅଧିକାରୀ, ରାସ୍ତା ଓ ଗୃହ ବିଭାଜନ ସହକାରୀ ଯନ୍ତ୍ରୀ, ଅତିରିକ୍ତ ତହସିଲଦାର , ସଦର ରାଜସ୍ୱ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନ ଶୁଣାଣୀ କରିଥିଲେ। ଏଥିରେ ସମ୍ପୃକ୍ତ ୱାର୍ଡ ବାସିନ୍ଦା ଡମ୍ବୁ ଭତରାଙ୍କ ନବରଙ୍ଗପୁର ତହସିଲ ସହରାଞ୍ଚଳର ଖାତା ନଂ ୧୦୨୫ ଓ ପ୍ଲଟ ନଂ ୧୧୩୮ ଡଙ୍ଗର କିସମ ଭୂମିରୁ ଅର୍ଜିତ ହେବାକୁ ଥିବା ୦.୭୪ ଏକର ଜମି ସମ୍ପର୍କରେ ୱାର୍ଡ ବାସିନ୍ଦାଙ୍କୁ ଅବଗତ କରାଯାଇଥିଲା। ଏହି ଭୂମି ବାବଦରେ ପ୍ରଭାବିତ ଡମ୍ବୁ ଭତରାଙ୍କୁ ଭୂମି ଅର୍ଜନ ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ପ୍ରଦାନ କରାଯିବ। ପୂର୍ବାପେକ୍ଷା ବର୍ତ୍ତମାନ କ୍ଷତିପୂରଣ ରାଶି ବୃଦ୍ଧି ପାଇଥିବାରୁ ଡମ୍ବୁ ଭତରାଙ୍କୁ ଯଥେଷ୍ଟ କ୍ଷତିପୂରଣ ମିଳିବ ବୋଲି ଅତିରିକ୍ତ ଜିଲାପାଳ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସି.ଇ.ଇ.ଆର.ଏ ସଂପାଦକ ଦିଲ୍ଲୀପ ପଣ୍ଡା ପରିଚାଳନା କରିଥିଲେ। ଏଥିରେ ଜନଜାତି ସୁରକ୍ଷା ମଞ୍ଚ ଉପଦେଷ୍ଟା ଅର୍ଜୁନ ଭତ୍ରା, ସଂପାଦକ ରତନ ମାଝୀଙ୍କ ସମେତ ୱାର୍ଡ ବାସିନ୍ଦା ମାନେ ଉପସ୍ଥିତ ରହିଥିଲେ।





ଜନଶୁଣାଣୀରେ ଉପସ୍ଥିତ ଅଧିକାରୀମାନେ।

## ସଂକ୍ଷେପରେ

### ମାଘ ଏକାଦଶୀରେ ବ୍ରତଧାରୀଙ୍କ ଭିଡ଼



ପାରଳାଖେମୁଣ୍ଡି,୫।୨(ସ୍ୱ.ପ୍ର.) - ମାଘ ବଡ଼ ଏକାଦଶୀ ଅବସରରେ ପାରଳାଖେମୁଣ୍ଡିସ୍ଥିତ ଜଗନ୍ନାଥ ମନ୍ଦିର ଏବଂ ଅନ୍ୟ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ବିଶେଷକରି ମାଘ ବ୍ରତଧାରୀମାନେ ଉପବାସ ରଖିବା ସହ ପୂଜାର୍ଚ୍ଚନା କରିଥିଲେ। ସେହିପରି ବିଭିନ୍ନ ସ୍ଥାନରେ ଅଷ୍ଟପ୍ରହର ନାମ ଯଜ୍ଞ ଓ ନଗର ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ପାରଳାଖେମୁଣ୍ଡି ଏକ ଐତିହାସିକ ସହର ହୋଇଥିବାବେଳେ ଏହିପରି ଏକ ପବିତ୍ର ଦିନରେ ଏହି ସହରରେ ଏକ ଆଧାତ୍ମିକ ଚେତନା ସୃଷ୍ଟି ହୋଇଥିଲା । ସେହିପରି ସହରର ବିଭିନ୍ନ ମନ୍ଦିରରେ ମଧ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଭିଡ ଦେଖିବାକୁ ମିଳିଥିଲା ।

### ଅଦିନିଆ ବର୍ଷାରେ ସହର ବେହାଲ୍

ପାରଳାଖେମୁଣ୍ଡି,୫।୨(ସ୍ୱ.ପ୍ର.)-ଗଜପତି ଜିଲା ସଦର ପାରଳାଖେମୁଣ୍ଡି ଏବଂ ଉପକଣ୍ଠ ଅଞ୍ଚଳରେ ବୁଧବାର ଅପରାହ୍ନରେ ଅଦିନିଆ ବୃଷ୍ଟିପାତ ଜନଜୀବନଙ୍କ ପ୍ରଭାବିତ କରିଛି। ଜିଲାରେ ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିବାବେଳେ ସକାଳେ ମେଘୁଆ ପାଗ ରହିଥିଲା। ଅପରାହ୍ନରେ ହଠାତ୍ ବର୍ଷା ଆରମ୍ଭ ହୋଇଥିବାବେଳେ ୨ଘଣ୍ଟା ଧରି ବର୍ଷା ଜାରି ରହିଥିଲା । ବର୍ଷା ଯୋଗୁ ପାରଳାଖେମୁଣ୍ଡି ସହରର ବିଭିନ୍ନ ସାହି ଓ ଗଳିରେ ପାଣି ଜମିରହିବା ଦେଖିବାକୁ ମିଳିଥିଲା। ସେହିପରି ନାଳ, ନର୍ଦ୍ଦମା ଗୁଡ଼ିକ ଠିକ୍‌ଭାବେ ସଫେଇ କରାଯାଉ ନ ଥିବାରୁ ଅସରାଏ ବର୍ଷାରେ ନାଳ ଭର୍ତ୍ତି ହୋଇ ଆବର୍ଜନା ରାସ୍ତାରେ ବାସୁଥିବା ଦେଖିବାକୁ ମିଳିଥିଲା। ଏପରି କି ପାରଳାଖେମୁଣ୍ଡି ବିଧାୟକଙ୍କ କାର୍ଯ୍ୟାଳୟ ରହିଥିବା ଏର୍ଦଲା ସାହି ରାସ୍ତାରେ ମଧ ଆବର୍ଜନା ଜମି ରହିବା ଦେଖିବାକୁ ମିଳିଥିଲା।

### ଦୁର୍ବ୍ୟବହାର ଅଭିଯୋଗରେ ଜଣେ ଗିରଫ

ଅନୁଗୋଳ ଅଫିସ୍, ୫।୨ ଅନୁଗୋଳ ସିଭିଲ୍‌କୋର୍ଟର ଜଣେ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ବାଦିବାହଲ ଅଞ୍ଚଳ ଆରତ ପ୍ରାଣ ନାଏକ(୪୨)ଙ୍କୁ ଅନୁଗୋଳ ପୋଲିସ ଗିରଫ କରିଛି। ଅନୁଗୋଳ କୋର୍ଟରେ ଥିବା ରେଜିଷ୍ଟ୍ରାରଙ୍କ ଅଭିଯୋଗ କ୍ରମେ ପୋଲିସ ନଂ. ୧୩୮/୨୦ରେ ମାମଲା ରୁଜୁ କରି ଆରତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଅଭିଯୋଗରୁ ପ୍ରକାଶ ଯେ, ୨୦୧୨ରେ କୋର୍ଟରେ ଥିବା ଏକ ମାମାଲରେ ଗିରଫ ହୋଇଥିବା ଆରତଙ୍କ ସ୍ତ୍ରୀଙ୍କ ସାକ୍ଷ୍ୟ ଚଳିତମାସ ୨୬ ତାରିଖରେ ଗ୍ରହଣ କରାଯାଇଥାନ୍ତା। ଏ ନେଇ ସିଭିଲ୍‌କୋର୍ଟର କର୍ମଚାରୀ ଉମ୍ବରୁଧର ଦେହୁରୀ ଗତ ୩୦ ତାରିଖରେ ବାଦିବାହଲରେ ଥିବା ଆରତଙ୍କ ଘରକୁ ଯାଇଥିଲେ। ଏହି ସମୟରେ ଉମ୍ବରୁଧରଙ୍କୁ ଆରତ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାରିବାକୁ ଧମକ ଦେଇଥିଲେ। ଏପରି କି ସମନ ମୋ ସ୍ତ୍ରୀଙ୍କୁ କାହିଁକି ଦେବାକୁ ଆସିଛ କହି ମାଡ଼ ମାରିବାକୁ ମଧ ପଛାଇ ନ ଥିଲେ। ଏହି ଘଟଣାରେ କୋର୍ଟର ରେଜିଷ୍ଟ୍ରାର ଗତ ୩୦ ତାରିଖରେ ଚିଠି ମାଧମରେ ଅଭିଯୋଗ କରିଥିଲେ।

# ମନୀଷାଙ୍କ ମୁହଁରେ ଫୁଟିଲା ହସ

- ସ୍ୱାମୀ ଛାଡ଼ି ଚାଲିଯିବା ପରେ ଦିବ୍ୟାଙ୍ଗ ପାଲଟିଗଲେ ମନୀଷା
- ବାରମ୍ବାର ଦୌଡ଼ି ମିଳୁ ନ ଥିଲା ସରକାରୀ ସହାୟତା

ପାରଳାଖେମୁଣ୍ଡି,୫।୨(ସ୍ୱ.ପ୍ର.)

ପାରଳାଖେମୁଣ୍ଡି ସଞ୍ଜୟ ଗାନ୍ଧୀ କଲୋନୀର ଦିବ୍ୟାଙ୍ଗ ମନୀଷା ହୋତାଙ୍କୁ ଗଜପତି ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍‌ଏସ୍‌ଏ) ସହାୟତାର ହାତ ବଢ଼ାଇବା ପରେ ତାଙ୍କ ମୁହଁରେ ହସ ଫୁଟିଛି। ୨୨ ବର୍ଷୀୟା ମନୀଷାଙ୍କୁ ଛାଡ଼ି ସ୍ୱାମୀ କେଉଁଆଡ଼େ ଚାଲିଯିବା ପରେ ବୁଢୀ ମା' ଏବଂ ୪ବର୍ଷର ଝିଅଙ୍କୁ ନେଇ ତାଙ୍କ ପରିବାର। ସ୍ୱାମୀଙ୍କ ଚାଲିଯିବା ପରେ ମାନସିକ ଦୁଶ୍ଚିନ୍ତା ସହ ସେ ପାଲଟିଯାଇଥିଲେ ଦିବ୍ୟାଙ୍ଗ।

ସମ୍ପୂର୍ଣ୍ଣ ଦିବ୍ୟାଙ୍ଗ ଯୋଗୁ ମନୀଷା କୌଣସି କାମ କରିବାରେ ଅସମର୍ଥ। ମା' କାମ କରି ଯାହା ଉପାର୍ଜନ କରନ୍ତି, ସେଥିରେ ପରିବାର ଚଳେ। ଦିବ୍ୟାଙ୍ଗ ସହାୟତା ପାଇଁ ବାରମ୍ବାର ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯାଇ ମଧ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ଡିଏଲ୍‌ଏସ୍‌ଏର ଦ୍ୱାରସ୍ଥ ହୋଇଥିଲେ। ସମସ୍ତ ବିଷୟ ଜାଣିବା ପରେ ଡିଏଲ୍‌ଏସ୍‌ଏ ସମ୍ପାଦିକା ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ବିଚାରପତି ଦୀପା ଦାସ ନିଜ କୋର୍ଟରେ ଏକ ସମାଧାନ ଉପଯୋଗୀ ମାମଲା ଦାୟର କରିବା ପାଇଁ ମନୀଷା ଓ ତାଙ୍କ ମା'ଙ୍କୁ ପରାମର୍ଶ ଦେଇଥିଲେ । ଏହା ଅନୁଯାୟୀ, ୨୦୧୯ ଡିସେମ୍ବର ୧୬ରେ ଜିଲା କୋର୍ଟସ୍ଥିତ ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତରେ ଏକ ମାମଲା ଦାୟର କରିଥିଲେ। ବିଚାରପତି ଦାସ ଏହି ମାମଲାଟିକୁ ଗମ୍ଭୀରତାର ସହ ଗ୍ରହଣ କରି ଏକ ପ୍ରାକ୍ ମକଦ୍ଦମା ସମ୍ବନ୍ଧୀୟ ମାମଲା ଆରମ୍ଭ କରି ସିଡିଏମ୍‌ଓ ଏବଂ ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ରିପୋର୍ଟ ତଲବ କରିବା ସହ ନୋଟିସ୍ ବ୍ୟବସ୍ଥା କରିଥିଲେ। ପରେ ଉଭୟ କାର୍ଯ୍ୟାଳୟର ଅଧିକାରୀଙ୍କ ଉପସ୍ଥିତିରେ ଏ ନେଇ ବିଚାରପତି ଆଲୋଚନା କରିଥିଲେ। ନୂଆଦିଲ୍ଲୀସ୍ଥିତ ଜାତୀୟ ଆଇନ ସେବା ପ୍ରାଧିକରଣ ଓ କଟକ ସ୍ଥିତ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ବିଭିନ୍ନ ଯୋଜନା ଅନୁଯାୟୀ ଶୀଘ୍ର ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ମନୀଷା ବିଭିନ୍ନ ସରକାରୀ ସହାୟତା ଏବଂ ଏକ ତିନିଚକିଆ ସାଇକେଲ୍ ମଧ ପାଇଥିଲେ। ଏବେ ସେ ମାସିକ ଭତ୍ତା ପାଇବା ସହ ଝିଅର ଶିକ୍ଷା ବ୍ୟବସ୍ଥା ମଧ କରାଯାଇଛି। ଏ ନେଇ ମନୀଷା ଡିଏଲ୍‌ଏସ୍‌ଏକୁ କୃତଜ୍ଞତା ଜଣାଇଛନ୍ତି। ଏ ବିଷୟରେ ପ୍ରାଧିକରଣର ସମ୍ପାଦିକା ଦାସ କହିଛନ୍ତି, ପ୍ରତ୍ୟେକ ନାଗରିକ ଆଇନ ବିଷୟରେ ସଚେତନ ହେଲେ ଦେଶରୁ ଦାରିଦ୍ର୍ୟ ଦୂରୀକରଣ ହେବା ସହ ଅନେକ ମନୀଷାଙ୍କ ମୁହଁରେ ହସ ଫୁଟିପାରିବ।

**ଡିଏଲ୍‌ଏସ୍‌ଏର ହସ୍ତକ୍ଷେପ**



ମନୀଷାଙ୍କ ପରିବାର।

# ଆଇଟିଆଇ କଲେଜ ପରିଦର୍ଶନ କଲେ ମନ୍ତ୍ରୀ

## ଅବ୍ୟବସ୍ଥା ନେଇ ଅସନ୍ତୋଷ ପ୍ରକାଶ



ମନ୍ତ୍ରୀ ଶ୍ରେଣୀ ଗୃହ ବୁଲି ଦେଖିବା ସହ ଛାତ୍ରଙ୍କ ସହ ଆଲୋଚନା କରୁଛନ୍ତି।

ରାୟଗଡ଼(ଗଜପତି), ୫।୨(ଡି.ଏନ୍.ଏ.):

ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ବୁଧବାର ଗଜପତି ଜିଲା ରାୟଗଡ଼ ବ୍ଲକ୍ ଗସ୍ତରେ ଆସି ସ୍ଥାନୀୟ ଆଇଟିଆଇ କଲେଜ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ କଲେଜର ପରିଚାଳନା ଓ ବିଭିନ୍ନ ସମସ୍ୟା ନେଇ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଅନୁଷ୍ଠାନକୁ ଯାତାୟାତ ପାଇଁ ନିର୍ମାଣାଧୀନ ରାସ୍ତା ଦୀର୍ଘ ଦିନ ହେଲା ଅସମ୍ପୂର୍ଣ୍ଣ ଏବଂ କଲେଜରେ ଅବ୍ୟବସ୍ଥାକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ଏ ନେଇ ମନ୍ତ୍ରୀ ଫୋନ୍ ଯୋଗେ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଜିଲାପାଳଙ୍କୁ ଭେଟିବା ପାଇଁ କଲେଜ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# କେ.ସୀତାପୁର ପିଇଓଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ

ପାରଳାଖେମୁଣ୍ଡି,୫।୨(ସ୍ୱ.ପ୍ର.)

ଗଜପତି ଜିଲା କାଶୀନଗର ବ୍ଲକ୍ ଅଧୀନ କେ.ସୀତାପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ଜଗଦୀଶ ପାଣିଗ୍ରାହୀଙ୍କ ନାମରେ ଦୁର୍ନୀତି ଅଭିଯୋଗ ହୋଇଛି। ଏହାକୁ ଭିତ୍ତିକରି ବୁଧବାର କେ.ସୀତାପୁର ପଞ୍ଚାୟତ କାର୍ଯ୍ୟାଳୟରେ ଜିଲାସ୍ତରୀୟ ସରକାରୀ ଅଧିକାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତର କେତେକ ଶିକ୍ଷିତ ଯୁବକ ଏବଂ ବରିଷ୍ଠ ବ୍ୟକ୍ତି ପିଇଓଙ୍କୁ ନିଲମ୍ବିତ କରିବା ପାଇଁ ଅଧିକାରୀଙ୍କ ନିକଟରେ ଦାବି କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯେଉଁ ଗୃହ ଦିଆଯାଇଥିଲା, ସେଥିରେ ପିଇଓ ଦୁର୍ନୀତି କରିଥିବା ଅଭିଯୋଗ ହୋଇଥିଲା। ସେହିପରି ଠିକ୍ ସମୟରେ ଗ୍ରାମସଭା, ପଲ୍ଲିସଭା, ଚାଉଳ ପ୍ରଦାନ ଆଦି ନ କରିବା ନେଇ ମଧ ଅଭିଯୋଗ ହୋଇଥିଲା । ବିଭିନ୍ନ ଅସାମାଜିକ ଲୋକଙ୍କ ସହ ତାଙ୍କର ସମ୍ପର୍କ ରହିଥିବାବେଳେ ଅଞ୍ଚଳର ନିରୀହ ଲୋକଙ୍କୁ ବିଭ୍ରାନ୍ତ କରୁଥିବା ମଧ ଏଠାରେ ପ୍ରକାଶ କରିଥିଲେ। ସମସ୍ତ ଅଭିଯୋଗକୁ ଆଧାର କରି ଜିଲା ପଞ୍ଚାୟତ ଅଧିକାରୀ ବସନ୍ତ କୁମାର ମହାପାତ୍ର, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଦେବେନ୍ଦ୍ରନାଥ କର, ପ୍ରକାଶ ଘଡେଇ (ମାନବ ସମ୍ବଳ) ସହକାରୀ ଯନ୍ତ୍ରୀ କୋଦଣ୍ଡ ପାଣିଗ୍ରାହୀ ତଦନ୍ତ କରିଥିବା ଜଣାପଡ଼ିଛି।



ପିଇଓଙ୍କ ଦୁର୍ନୀତି ନେଇ ଅଭିଯୋଗ କରୁଛନ୍ତି ।

### ହୀରାକୁଦ ଡ୍ୟାମ ପରିଦର୍ଶନ କଲେ ଭିନ୍ନକ୍ଷମ

ନୂଆପଡା ଅଫିସ,୫।୨

ନୂଆପଡା ଜିଲାର ୫ଟି ବ୍ଲକରୁ ୧୫୦ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ର ଏବଂ ଅଭିଭାବକମାନ ହୀରାକୁଦ ଡ୍ୟାମ ପରିଦର୍ଶନ କରିଥିବାବେଳେ ଏପିଜେ ଅବଦୁଲକଲାମ ଅଡିଟରିୟମ ଦେଖି ମଜା ନେଇଛନ୍ତି । ଏହି କାର୍ଯ୍ୟକ୍ରମକୁ ନୂଆପଡା ଜିଲା ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ସମନ୍ୱିତ ଶିକ୍ଷା ସଂଯୋଜକ ହେମନ୍ତ କୁମାର ଭୋଇ ପରିଚାଳନା କରିଥିଲେ । ପ୍ରଥମେ ହୀରାକୁଦ ଡ୍ୟାମ ବୁଲି ଦେଖିଥିଲେ। ସେଠାରୁ ଅଡିଟରିୟମ ବୁଲି ସୌର ମଣ୍ଡଳ, ଉଲକା ପିଣ୍ଡ ଇତ୍ୟାଦିର ଭରପୁର ମଜା ନେଇଥିଲେ। ବୁର୍ଲାସ୍ଥିତ ଭିନ୍ନକ୍ଷମ ବିଦ୍ୟାଳୟରେ ଭୋଜି ହୋଇଥିଲା। ଏଥିରେ ସମ୍ବଲପୁର ସମଗ୍ର ଶିକ୍ଷା ଏବଂ ବୁର୍ଲା ଭିନ୍ନକ୍ଷମ ବିଦ୍ୟାଳୟ କର୍ମଚାରୀମାନେ ସହଯୋଗ କରିଥିଲେ।

# ୮ରୁ ଡିୱାଇଏଫ୍‌ଆଇର ଦୁଇଦିନିଆ ରାଜ୍ୟ ସମ୍ମିଳନୀ

ପାରଳାଖେମୁଣ୍ଡି,୫।୨(ସ୍ୱ.ପ୍ର.)

ଭାରତୀୟ ଗଣତାନ୍ତ୍ରିକ ଯୁବ ଫେଡେରେଶନ୍(ଡିୱାଇଏଫ୍‌ଆଇ) ପକ୍ଷରୁ ଗଜପତି ଜିଲା ସଦର ପାରଳାଖେମୁଣ୍ଡିଠାରେ ଆସନ୍ତା ୮ ଓ ୯ ତାରିଖ ଦୁଇଦିନ ଧରି ୧୨ଶ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିପାଇଁ ସଙ୍ଗଠନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ସମ୍ମିଳନୀରେ ମୁଖ୍ୟତଃ ନିଯୁକ୍ତି, ଆତ୍ମ ନିଯୁକ୍ତି ଋଣ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଦପ୍ତରରେ ରହିଥିବା ସମସ୍ତ ପଦବୀ ପୂରଣ, ସମସ୍ତଙ୍କୁ ମାଗଣା ଶିକ୍ଷା, ସରକାରୀ ସ୍ୱାସ୍ଥ୍ୟ ସେବା, ଗ୍ରାମାଞ୍ଚଳରେ ବେକାରଙ୍କୁ ୨ଶହ ଦିନର କାମ ସହ ଦୈନିକ ୭ଶହ ଟଙ୍କା ମଜୁରି ଦାବି ପ୍ରସଙ୍ଗ ରହିବ। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୨୫୦ରୁ ଉର୍ଦ୍ଧ ଯୁବ ପ୍ରତିନିଧି ଯୋଗଦେବେ ବୋଲି ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ସମ୍ମିଳନୀକୁ ସଫଳ କରିବା ପାଇଁ ସଙ୍ଗଠନର ରାଜ୍ୟ ସମ୍ପାଦକ ଯତୀନ୍ ମହାନ୍ତି ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ସମାବେଶକୁ ସଫଳ କରିବା ପାଇଁ ଏକ ଅଭ୍ୟର୍ଥନା କମିଟି ମଧ ଗଠନ କରାଯାଇଥିବା ଜଣାପଡ଼ିଛି।




ରାଜ୍ୟ ସମ୍ମିଳନୀକୁ ସଫଳ କରିବାକୁ ସଚେତନ କରାଯାଉଛି।

# ସରକାରୀ ଉଚ୍ଚ ବିଦ୍ୟାଳୟର ୬୩ ତମ ବାର୍ଷିକ ଉତ୍ସବ

ରାୟଗଡ(ଗଜପତି), ୫।୨(ଡି.ଏନ୍.ଏ.)

ଗଜପତି ଜିଲା ରାୟଗଡ ବ୍ଲକ୍ ସଦରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ୬୩ ତମ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ଏ. ମଣିମାଳାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଡିଇଓ ପ୍ରଦୀପ କୁମାର ନାଗ, ମୁଖ୍ୟବକ୍ତା ଭାବେ ପାରଳାଖେମୁଣ୍ଡି ଏମ୍‌ଆର୍‌ବି ହାଇସ୍କୁଲର ପ୍ରଧାନଶିକ୍ଷକ ବୃଷକେତୁ ଦାସ, ସମ୍ମାନିତ ଅତିଥି ଭାବେ ବିଇଓ ମନୋରଞ୍ଜନ ସେଠୀ, ସ୍କୁଲ ପରିଚାଳନା କମିଟି ସଭାପତି ରାମସନ ମଣ୍ଡଳ ପ୍ରମୁଖ ମଞ୍ଚାସୀନ ରହି ପିଲାଙ୍କୁ ସଭିଏଁ ପଢିବା ସଭିଏଁ ବଢିବା ପାଇଁ ଉତ୍ସାହିତ କରିଥିଲେ। ଏଥିସହ ବିଦ୍ୟାଳୟ ଓ ସମାଜର ଉନ୍ନତିମୂଳକ କାର୍ଯ୍ୟରେ ସାମିଲ ହେବା ସହ ଚାରାରୋପଣ କରିବା ପାଇଁ ଆହ୍ୱାନ କରିଥିଲେ। ବରିଷ୍ଠ ଶିକ୍ଷକ ମନୋଜ କୁମାର ବେହେରା ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷକ ସୂରଜ ନାୟକ ଧନ୍ୟବାଦ ଦେଇଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବରିଷ୍ଠ ଶିକ୍ଷକ ସିଦ୍ଧାର୍ଥ ଶେଖର ପାଠୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଉତ୍ସବରେ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

### ଦେଶୀମଦ ଜବତ, ଜଣେ ଗିରଫ

ପାରଳାଖେମୁଣ୍ଡି,୫।୨(ସ୍ୱ.ପ୍ର.)

ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ୪୦ଲିଟର ଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଘଟଣାରୁ ପ୍ରକାଶ ଯେ, ପୋଲିସ ପାଟ୍ରୋଲିଂ ସମୟରେ ସହର ଉପକଣ୍ଠ ପଦ୍ମପୁର-ରାଣୀପେଣ୍ଠ ରାସ୍ତାରେ ଜଣେ ବ୍ୟକ୍ତିଙ୍କୁ ସନ୍ଦେହରେ ଅଟକାଇ ପଚରାଉଚରା କରିଥିଲେ। ଯାଞ୍ଚ ସମୟରେ ତାଙ୍କ ନିକଟରୁ ଦେଶୀମଦ ବାହାରିଥିଲା। ଗିରଫ ଯୁବକ ହେଲେ ପଦ୍ମପୁର ଗ୍ରାମର ଚିନ୍ତାଡ଼ା ବାବୁଲୁ (୨୭)। ଏ ନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ୨୮/୨୦ ନମ୍ବରରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏଏସ୍‌ଆଇ ଜଗଦୀଶ ପଣ୍ଡା ସୂଚନା ଦେଇଛନ୍ତି।

# ଶ୍ରୀମଦ୍ ଭାଗବତ ପାରାୟଣ ଉଦ୍‌ଯାପିତ

ପାରଳାଖେମୁଣ୍ଡି,୫।୨(ସ୍ୱ.ପ୍ର.)- ପାରଳାଖେମୁଣ୍ଡି ଦେଓସାହିସ୍ଥିତ ଦେବୀମଠ ପରିସରରେ ୧ମାସ ଧରି ଚାଲିଥିବା ଶ୍ରୀମଦ୍ ଭାଗବତ ପାରାୟଣ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନି ଦିବସରେ ବାବାଜୀ ଚରଣ ବେହେରାଙ୍କ ଦ୍ୱାରା ଦ୍ୱାଦଶ ସ୍କନ୍ଧ ପାରାୟଣ ପାଠ କରାଯାଇଥିଲା । ଏହି ଅବସରରେ ମହନ୍ତ ମହାରାଜ ରାମାନନ୍ଦ ଦାସ, ଜନକତନୟା(ତୁଳସୀମାତା) ଶ୍ରୀମଦ୍ ଭାଗବତର ସାରମର୍ମକୁ ପ୍ରବଚନ ମାଧମରେ ବୁଝାଇଥିଲେ। ଏହି ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ଦେବୀମଠର ସୀତାରାମ ମହାରାଜ ସହଯୋଗ କରିଥିଲେ। ସେହିପରି କୌଳାଶ ଚନ୍ଦ୍ର ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ରଥ, ଶ୍ୟାମସୁନ୍ଦର ସୁଆର, ସନ୍ତୋଷ ସାହୁ, ବିମଳ ବାବା, ବାପୁଜୀ ଅଧିକାରୀ, ଲୋକନାଥ ସାହୁ, କୌଳାଶ ଆପଟ, ଜଗନ୍ନାଥ ବରାଡ଼, ଦୈତାରୀ ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଭାଗବତ ପାରାୟଣ ଅବସରରେ ପ୍ରବଚନ ।

# ବ୍ରାଉନ ସୁଗାର ଜବତ: ଜଣେ ଗିରଫ

ରାଇରଙ୍ଗପୁର,୫।୨(ଡି.ଏନ୍.ଏ.)- ରାଇରଙ୍ଗପୁର ପୋଲିସ ବୁଧବାର ଚଢାଉ କରି ୧୨ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସର୍କଲ ଏସ୍‌ଡିପିଓ ସ୍ନେହାଶିଷ ସାହୁଙ୍କ ନେତୃତ୍ୱରେ ଟାଉନ ଥାନା ଅଧିକାରୀ ଇନ୍ସପେକ୍ଟର ରେଣୁବାଳା ସାହୁ ଏବଂ ସବ୍‌ଇନ୍ସପେକ୍ଟର ସଙ୍ଗୀତା ଦାସ ସଦଳବଳେ କୁଚେଇବୁଢ଼ୀ ବସ୍ତୀ ଅଞ୍ଚଳ ରେଡକ୍ରସ ରାସ୍ତାରୁ ଉକ୍ତ ଚୋରା ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତ ହେଲେ ସହରାଞ୍ଚଳ ଠାକୁରାଣୀବେଡ଼ା ବସ୍ତୀ ଅଞ୍ଚଳର ଏମଡ଼ି ଦିଲଦାର (୨୫)। ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୧ ଲକ୍ଷ ୭୦ ହଜାର ଟଙ୍କା ହେବ ବୋଲି ପୋଲିସ କହିଛି।

# କାଶୀନଗରରେ ଘୁଷୁରିମୁକ୍ତ ଅଭିଯାନ ଆରମ୍ଭ

**ଏନ୍‌ଏସି ଓ ପୋଲିସର କାର୍ଯ୍ୟକୁ ସ୍ୱାଗତ**

କାଶୀନଗର, ୫।୨(ଡି.ଏନ୍.ଏ.)

କାଶୀନଗର ଏନ୍‌ଏସି ଅଞ୍ଚଳରେ ଘୁଷୁରି ପଲଙ୍କ ଆଡ୍ଡା ଜମୁଥିବାବେଳେ ଏନ୍‌ଏସି କର୍ତ୍ତୃପକ୍ଷ ଏବଂ ଥାନା ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ରଙ୍କ ମିଳିତ ଉଦ୍ୟମରେ ଘୁଷୁରିମୁକ୍ତ ଅଭିଯାନ ଆରମ୍ଭ ହୋଇଛି। ଗତ ୪ ତାରିଖରେ ପୋଲିସ ଓ ଏନ୍‌ଏସି କର୍ମଚାରୀ ବିଭିନ୍ନ ସ୍ଥାନ ବୁଲି ବୁଲା ଘୁଷୁରିମାନଙ୍କୁ କାବୁ କରି ଦୂର ଅଞ୍ଚଳରେ ଛାଡିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨୪ ଘୁଷୁରିଙ୍କୁ ବାହାରେ ଛଡ଼ାଯାଇଥିବା ଆଇଆଇସି ପାତ୍ର ପ୍ରକାଶ କରିଛନ୍ତି। ଉଲ୍ଲେଖନୀୟ, ଘୁଷୁରିଙ୍କ ଯୋଗୁ ସହରରେ ଅନେକ ଦୁର୍ଘଟଣା ଘଟିବା ସହ ବ୍ୟାପକ ଫସଲ ନଷ୍ଟ ହେଉଛି। ତେଣୁ କାଶୀନଗର ରଇତ ସଂଘ ପକ୍ଷରୁ ଘୁଷୁରି ଉପଦ୍ରବ ରୋକିବା ପାଇଁ ଏକାଧିକ ବାର ପୋଲିସ ଓ ଏନ୍‌ଏସି ପ୍ରଶାସନ ନିକଟରେ ଦାବି କରାଯାଇଥିଲା। ଆମ ପୋଲିସ ବୈଠକରେ ମଧ ଏ ବିଷୟରେ ଆଲୋଚନା ହୋଇଥିଲା। ଶେଷରେ ପୋଲିସ ଓ ଏନ୍‌ଏସି ପ୍ରଶାସନ ପକ୍ଷରୁ ଘୁଷୁରି ମୁକ୍ତ ଅଭିଯାନ ଆରମ୍ଭ ହୋଇଛି। ତେବେ ବୁଦ୍ଧିଜୀବୀ ଓ ରଇତ ସଂଘ କର୍ମକର୍ତ୍ତା କହିଛନ୍ତି, ପୋଲିସ ଓ ଏନ୍‌ଏସି ପ୍ରଶାସନ ସ୍ୱାଗତଯୋଗ୍ୟ ଓ ସମୟୋପଯୋଗୀ। କିନ୍ତୁ ଏନ୍‌ଏସି ଅଞ୍ଚଳରେ ଶହ ଶହ ଘୁଷୁରି ଥିବାରୁ ଏଭଳି କାର୍ଯ୍ୟକ୍ରମ ନିୟମିତ ବ୍ୟବଧାନରେ ହେବାର ଆବଶ୍ୟକତା ରହିଛି। ଏ ନେଇ ରଇତ ସଂଘ ମଧ ସହଯୋଗର ହାତ ବଢ଼ାଇବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ବିଳମ୍ବରେ ହେଲେ ମଧ ପଦକ୍ଷେପ ନିଆଯାଇଥିବାରୁ ସହରବାସୀଙ୍କ ମଧରେ ଖୁସି ପ୍ରକାଶ ପାଇଛି



ଘୁଷୁରିମାନଙ୍କୁ କାବୁ କରାଯାଉଛି ।

# ଜନଜାତିଙ୍କ ଆର୍ଥିକ ଉନ୍ନତିରେ ସହାୟକ ହେବ

**ଜିଲାପାଳଙ୍କ କୃଷିଭିତ୍ତିକ ପ୍ରକଳ୍ପ ପରିଦର୍ଶନ**

ପାରଳାଖେମୁଣ୍ଡି,୫।୨(ସ୍ୱ.ପ୍ର.)

ଗଜପତି ଜିଲାପାଳ ଅନୁପମ ଶାହା ବୁଧବାର ଗୁମ୍ମା ବ୍ଲକ୍ ଅଧୀନ ସେରଙ୍ଗ ଗ୍ରାମ ଗସ୍ତରେ ଯାଇ ଜନ କଲ୍ୟାଣ ପ୍ରତିଷ୍ଠାନ ପକ୍ଷରୁ ଜନଜାତିମାନଙ୍କ ଉନ୍ନତି ପାଇଁ କରାଯାଇଥିବା ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ଜନଜାତିମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାପାଇଁ ଏହା ଏକ ବହୁମୁଖୀ କୃଷିଭିତ୍ତିକ ପ୍ରକଳ୍ପ। ଜିଲାପାଳ ସେଠାକୁ ପରିଦର୍ଶନରେ ଯାଇ ବିଭିନ୍ନ ପରିବା ଚାଷ, କୁକୁଡ଼ା ପାଳନ ଏବଂ ଝରଣା ପାଣିକୁ କିପରି ଜଳସେଚନ କାର୍ଯ୍ୟରେ ବିନିଯୋଗ ହୋଇପାରୁଛି, ତାହାର ଅନୁଧ୍ୟାନ କରିଥିଲେ। ସେହିପରି ଜିଆଖତ ପ୍ରସ୍ତୁତ ୟୁନିଟ୍ ମଧ ବୁଲି ଦେଖିଥିଲେ। ଏପରି ପ୍ରକଳ୍ପ ଜନଜାତିଙ୍କ ଆର୍ଥିକ ମାନଦଣ୍ଡରେ ପରିବର୍ତ୍ତନ ଆଣିବାରେ ବେଶ୍ ସହାୟକ ହୋଇପାରିବ ବୋଲି ଜିଲାପାଳ କହିଛନ୍ତି। ଗସ୍ତ ସମୟରେ ଜିଲାପାଳଙ୍କ ସମେତ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କୁମାର ବେହେରା, ଗୁମ୍ମା ବ୍ଲକ୍ ଅଧକ୍ଷ ଗଜେନ୍ଦ୍ର ଗମାଙ୍ଗ, ସେରଙ୍ଗ ସରପଞ୍ଚ ସୁଲୋନୀ ରଇତ ଉପସ୍ଥିତ ଥିଲେ। ପରିଦର୍ଶନ ସମୟରେ ଜନକଲ୍ୟାଣ ପ୍ରତିଷ୍ଠାନ ପକ୍ଷରୁ ପ୍ରକଳ୍ପ ଅଧିକାରୀ ବିଯୁଟି ଲିମ୍ମା, ସଞ୍ଜୀବ୍ ରଇତ, ଆର୍.ସୁସ୍ମିତା ଉପସ୍ଥିତ ରହି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ।



ଜିଲାପାଳ ପ୍ରକଳ୍ପସ୍ଥଳ ବୁଲି ଦେଖୁଛନ୍ତି।



ନିର୍ବୋଧମାନଙ୍କ ଅଭିଧାନରେ ହିଁ
ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।
-ନେପୋଲିୟନ



## ସଂକ୍ଷେପରେ

### ଦାରିଙ୍ଗବାଡିରେ ପ୍ରବଳ ବର୍ଷା

ଦାରିଙ୍ଗବାଡି/ବାଲିଗୁଡା,୫।୨(ଡି.ଏନ୍.ଏ): କନ୍ଧମାଳ ଜିଲା ଦାରିଙ୍ଗବାଡି ଓ ବାଲିଗୁଡା ସମେତ ବିଭିନ୍ନ ଅଞ୍ଚଳରେ ଲଘୁଚାପ ପ୍ରଭାବରେ ବୁଧବାର ସକାଳଠାରୁ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ବର୍ଷା ଯୋଗୁ ଶୀତର ପ୍ରକୋପ ବୃଦ୍ଧି ପାଇବା ସହ ପାରଦ ୧୦ଡିଗ୍ରୀ ତଳେ ରହିଛି । ଗତ ୩ଦିନ ହେଲା ଅଞ୍ଚଳରେ କୋହଲା ପାଗ ସହ ଘନ କୁହୁଡି ଆଚ୍ଛାଦିତ ହୋଇ ରହୁଥିଲା। ଏଥିସହ ଝିପିଝିପି ବର୍ଷା ମଧ ହେଉଥିଲା। ମାତ୍ର ବୁଧବାର ଜୋରରେ ବର୍ଷା ହୋଇଛି। ବର୍ଷା ଯୋଗୁ ପନିପରିବା ଚାଷ ମଧ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ତେବେ ଏହି ବର୍ଷା ହଳଦୀ ଚାଷ ପାଇଁ ବହୁତ ଫାଇଦା ଦେବ ବୋଲି କୁହାଯାଇଛି। ହଳଦୀ ଖୋଳା ଚାଲିଥିବାରୁ ବର୍ଷା କାରଣରୁ ମାଟି ହାଲକା ହୋଇଛି ତେଣୁ ହଳଦୀ ଖୋଳିବା ସହଜ ହେବ ବୋଲି ଚାଷୀ ଟାମିଆ ବିନ୍ଧାଣୀ କହିଛନ୍ତି। ଶ୍ରାନିକେତା, ସିମନବାଡି, ଦାସିଂବାଡି, ଗ୍ରୀନବାଡି, ଭ୍ରମରବାଡି, ସିଆଙ୍ଗବାଲି ଆଦି ଅଞ୍ଚଳରେ ମଧ ବର୍ଷା ଜାରି ରହିଛି। ସେହିପରି ବାଲିଗୁଡା ତଥା ଏହାର ଆଖପାଖ ଅଞ୍ଚଳରେ ମଧ ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ହୋଇଛି।

### ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ

ଦାରିଙ୍ଗବାଡ଼ି,୫।୨(ଡି.ଏନ୍.ଏ.): ଦାରିଙ୍ଗବାଡ଼ିଠାରେ ଥିବା ରାପଡ଼ାବାଡ଼ି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ମଧରେ ବୁଧବାର ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କୁ ନେଇ ବ୍ଲକସ୍ତରୀୟ କ୍ରୀଡ଼ା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବ୍ଲକ ଅଧକ୍ଷା ସୁବେନ୍ତୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଇଓ ବ୍ରହ୍ମାନନ୍ଦ ରାଉତ ଅଧକ୍ଷତା କରିଥିବାବେଳେ ସିଆରସିସି ଶ୍ୟାମସୁନ୍ଦର ଦିଗାଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟ ଅତିଥିଙ୍କ ମଧରେ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଇନ୍‌ଚାର୍ଜ ଡାକ୍ତର ଜୟପାଲ ସେନାପତି, ଦାରିଙ୍ଗବାଡ଼ି ଥାନା ଅଧିକାରୀ କୌଶିକ ମାଝୀ, ଅତିରିକ୍ତ ତହସିଲଦାର ନୀଳକଣ୍ଠ ବେହେରା, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଶିବ ସେଠୀ ଯୋଗଦେଇ ବିଦ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ପରାମର୍ଶ ଦେଇଥିଲେ। ପରେ ସଙ୍ଗୀତ, ଚିତ୍ରାଙ୍କନ, ଆଳୁ ଚାମଚ ଦୌଡ଼ ଆଦି ପ୍ରତିଯୋଗିତା ହୋଇଥିଲା। ଗୋଷ୍ଠୀ ସମ୍ବଳ ଶିକ୍ଷକ ମାନସ କୁମାର ଷଡ଼ଙ୍ଗୀ, ରଶ୍ମିତା ସେନାପତି, ରଞ୍ଜୁ ବଳିଆରସିଂ, ନିରଞ୍ଜନ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

### ଯୁବକଙ୍କ ଆତ୍ମହତ୍ୟା

ଭଞ୍ଜନଗର,୫।୨(ଡି.ଏନ.ଏ): ଭଞ୍ଜନଗର ଥାନା କୁରୁମପଢ଼ାଳର ସୁଧାଶୁଂ ବେହେରା (୧୯) ମଙ୍ଗଳବାର ରାତିରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ବୁଧବାର ସକାଳେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍‌ପିଟାଲକୁ ପଠାଇଛି। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ିନାହିଁ। ମଙ୍ଗଳବାର ସୁଧାଶୁଂ ଘରକୁ ଫେରିବାରେ ବିଳମ୍ବ କରିଥିଲେ। ତେଣୁ ପରିବାର ଲୋକେ ବିରକ୍ତ ପ୍ରକାଶ କରିଥିଲେ। ଏହାପରେ ସୁଧାଶୁଂ ଘରୁ ଚାଲି ଯାଇଥିଲେ। ସକାଳେ ଗ୍ରାମ ନିକଟ ଗଛରେ ସୁଧାଶୁଂଙ୍କ ମୃତଦେହ ଝୁଲୁଥିବା ପରିବାର ଲୋକେ ଦେଖିଥିଲେ।

# ତେଜିଲା ବିମାନ ଉଡ଼ାଣ, ସିଟି ବସ୍ ଚଳାଚଳ ଦାବି

**ଦାବି ଜଣାଇଲା ଜୟପୁର ସଚେତନ ନାଗରିକ କମିଟି**

ଜୟପୁର,୫।୨(ନି.ପ୍ର.)

ଜୟପୁର ସଚେତନ ନାଗରିକ କମିଟି ବିଭିନ୍ନ ଦାବି ନେଇ ଖବରଦାତା ସମ୍ମିଳନୀ ଆୟୋଜନ କରି ଉଦ୍‌ବେଗ ପ୍ରକାଶ କରିଛି। କମିଟି ସଭାପତି ଭଜନ ସିଂ କହିଛନ୍ତି, ଜୟପୁର ସହରରେ ୨ ଲକ୍ଷ ଲୋକ ଥିବାବେଳେ ଟାଉନ ବସ୍‌ର ସୁବିଧା ନାହିଁ। ତେଣୁ ଅଟୋ ଚାଳକଙ୍କ ଦୌରାତ୍ମ୍ୟ ବଢୁଛି। ନୂଆ ବସ୍‌ଷ୍ଟାଣ୍ଡ, ଜିଲା ମୁଖ୍ୟ ଚିକିତ୍ସାଳୟ, ଷ୍ଟେସନ ସହରଠାରୁ ପାଖାପାଖି ୭ କିମି ଦୂର। ଲୋକେ ବାଧହୋଇ ଶହେ ଟଙ୍କା ଭଡ଼ା ଦେଇ ଯାତାୟତ କରୁଛନ୍ତି। ପ୍ରଶାସନ ସିଟିବସ୍ ଚଳାଚଳ କରିବାକୁ ଦାବି କରିଛି କମିଟି। ସେହିପରି ଉଡାନ ଯୋଜନାରେ ତୁରନ୍ତ ଏଠାରୁ ବିମାନ ଉଡ଼ାଇବା ପାଇଁ ଦାବି ହୋଇଛି। ଅବିଭକ୍ତ କୋରାପୁଟ ଜିଲାର ଲୋକେ ଏହାଦ୍ୱାରା ବିଶାଖାପାଟଣାରୁ ଜୟପୁର ଦେଇ ରାଜଧାନୀ ଯିବାର ସୁଯୋଗ ପାଇବେ। ୨୬ ନଂ ଜାତୀୟ ରାଜପଥରେ ବଡ଼ ଖାଲ ସୃଷ୍ଟି ହୋଇ ପ୍ରତିବର୍ଷ ଦୁର୍ଘଟଣା ଘଟି ୧୦ରୁ ଅଧିକ ଜୀବନ ଯାଉଛି। ଜାତୀୟ ରାଜପଥ ପୁନଃନିର୍ମାଣ, ବିକ୍ରମଦେବ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି କରାଯାଇଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଶକ୍ତି ଷଡ଼ଙ୍ଗୀ, ଦାମ ରଣା, ଶଶିଭୂଷଣ ରାଓ, ସୁରେଶ ଜୈନ, ରାମ ବେହେରା ଉପସ୍ଥିତ ଥିଲେ।



ଜୟପୁର ସଚେତନ ନାଗରିକ କମିଟିର ସଦସ୍ୟମାନେ।




ସମୀକ୍ଷା ବୈଠକରେ ଷ୍ଟାଣ୍ଡିଂ କମିଟିର ସଦସ୍ୟମାନେ।

## ଶିକ୍ଷା ବିକାଶ ସମୀକ୍ଷା କଲା ଷ୍ଟାଣ୍ଡିଂ କମିଟି

କୋରାପୁଟ,୫।୨(ସ୍ୱ.ପ୍ର.)

ଅବିଭକ୍ତ କୋରାପୁଟ ଜିଲାରେ ଶିକ୍ଷାର ସ୍ଥିତି ଓ ବିକାଶକୁ ନେଇ ବିଧାନସଭା ଷ୍ଟାଣ୍ଡିଂ କମିଟିର ଏକ ସମୀକ୍ଷା ବୈଠକ କୋରାପୁଟ ସଦରସ୍ଥିତ ସଦ୍‌ଭାବନା ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଛି। କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ ମାଲକାନଗିରି ଜିଲାରେ ରହିଥିବା ମହାବିଦ୍ୟାଳୟ, ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟର ବର୍ତ୍ତମାନର ସ୍ଥିତି ଏବଂ ବିକାଶ ନେଇ ଏଥିରେ ଆଲୋଚନା କରାଯାଇଥିଲା। ସେହିପରି ଶିକ୍ଷା ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିବା ସହ ସମସ୍ତ ବିଷୟ ଓ ସମସ୍ୟା ନେଇ ଷ୍ଟାଣ୍ଡିଂ କମିଟିକୁ ସୂଚନା ଦେଇଥିଲେ। କମିଟିର ଅଧକ୍ଷ ବିଧାୟକ ଭୁପିନ୍ଦର ସିଂ, ସଦସ୍ୟ ପ୍ରକାଶ ଚନ୍ଦ୍ର ମାଝି, କୋରାପୁଟ ବିଧାୟକ ରଘୁରାମ ପଡାଲ, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର, ନବରଙ୍ଗପୁର ବିଧାୟକ ଅଜିତ ମିଶ୍ର, ଏସ୍‌ପି ମୁକେଶ କୁମାର ଭାମୋ ଉପସ୍ଥିତ ଥିଲେ।

## ବେଆଇନ ଔଷଧ ଜବତ, ଦୋକାନ ମାଲିକ ଗିରଫ

ଜୟପୁର,୫।୨(ଡି.ଏନ୍.ଏ./ନି.ପ୍ର.)

କୋରାପୁଟ ଜିଲା ଜୟପୁର ଟାଉନଥାନା ପୋଲିସ ଓ ସ୍ଥାନୀୟ ଡ୍ରଗ୍ ଇନ୍ସପେକ୍ଟରଙ୍କ ପକ୍ଷରୁ ମିଳିତ ଭାବେ ବୁଧବାର ଭୋର ସାଢ଼େ ୫ଟାରେ ଚଢ଼ାଉ ଆରମ୍ଭ କରାଯାଇଛି। ଜୟପୁର ପୌର କାର୍ଯ୍ୟାଳୟ ସମ୍ମୁଖସ୍ଥ ଗଣନାଥ ହୋମିଓ ଦୋକାନୀଙ୍କ ଲିଙ୍ଗରାଜ ନଗରସ୍ଥିତ ବାସଗୃହ ଉପରେ ମଧ ଚଢ଼ାଉ ହୋଇଛି। ଏଥିରେ ବିନା କାଗଜପତ୍ରରେ ଗଚ୍ଛିତ ଥିବା ୧୦ ପ୍ୟାକେଟ (୮୦୦ ବୋତଲ) ହୋମିଓପାଥି ଔଷଧ ଜବତ କରାଯାଇଛି। ଦୋକାନର ମାଲିକ ସୁଧାଂଶୁ ସାହୁଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେଟିଭୋଲ ନାମକ ଏହି ଔଷଧକୁ ନିଶା ଭାବେ ବ୍ୟବହାର କରାଯାଉଛି। ଡାକ୍ତରଙ୍କ ପରାମର୍ଶ କ୍ରମେ ରୋଗୀଙ୍କୁ ଦିଆଯାଏ। ଅତିରିକ୍ତ ଥାନା ଅଧିକାରୀ ରଘୁନାଥ ମାଝି ଓ ଡ୍ରଗ୍ ଇନ୍ସପେକ୍ଟର ଚିନ୍ମୟ ଜେନାଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା।

## ସମସ୍ୟାରେ ଟିକିରାପଡ଼ା ପ୍ରାଥମିକ ବିଦ୍ୟାଳୟ

ଦଶମନ୍ତପୁର,୫।୨(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ମୁର୍କାର ପଞ୍ଚାୟତ ଟିକିରାପଡ଼ା ପ୍ରାଥମିକ ବିଦ୍ୟାଳୟଟି ଅଭାବ ଅସୁବିଧା ଭିତରେ ଚାଲିଥିବା ପ୍ରଧାନ ଶିକ୍ଷକ ପ୍ରକାଶ କରିଛନ୍ତି। ଏହି ବିଦ୍ୟାଳୟ ୧୯୮୮ରେ ସ୍ଥାପିତ ହୋଇଥିବା ବେଳେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ଏଠାରେ ମାତ୍ର ୧୩ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଶିକ୍ଷାଦାନ ପାଇଁ ସରକାରଙ୍କ ପକ୍ଷରୁ ଦୁଇଜଣ ଶିକ୍ଷୟତ୍ରୀ ଓ ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ଏପରିକି ପ୍ରଥମରେ ୨ ଜଣ, ଦ୍ୱିତୀୟରେ ୫ ଜଣ, ତୃତୀୟରେ ଶୂନ, ଚତୁର୍ଥରେ ୪ଜଣ ଏବଂ ପଞ୍ଚମରେ ୨ ଜଣ ପିଲା ପାଠ ପଢୁଛନ୍ତି। ପ୍ରଧାନଶିକ୍ଷକ ଗଣେଶ୍ୱର ଜେନାଙ୍କ କହିବାନୁସାରେ ସେ ଏହି ବିଦ୍ୟାଳୟରେ ୪ବର୍ଷ ହେବ ରହିଲେଣି। ବିଦ୍ୟାଳୟର ନଳକୂପଟି ଦୀର୍ଘ ବର୍ଷ ହେବ ଅଚଳ ହୋଇ ପଡ଼ିରହିଥିବା ବେଳେ ଉପଯୁକ୍ତ ରୋଷେଇଘର ନାହିଁ। ପିଲା ଓ ଷ୍ଟାଫ୍‌ଙ୍କ ପାଇଁ ଶୌଚାଳୟ ମଧ ନାହିଁ। ଫଳରେ ବିଦ୍ୟାଳୟରୁ ଦୂରରେ ଥିବା ଚଂପାଗାଡ଼ିଦି ନାଳ ପାଖକୁ ପିଲା ଓ ସେମାନଙ୍କୁ ଯିବାକୁ ପଡ଼େ ବୋଲି ପ୍ରଧାନଶିକ୍ଷକ ଜେନା ପ୍ରକାଶ କରିଛନ୍ତି। ଆବଶ୍ୟକ ଷ୍ଟୋରରୁମ୍ ନ ଥିବାରୁ ବାଧହୋଇ ଶ୍ରେଣୀଗୃହରେ ହିଁ ଜାଳେଣୀ କାଠ, ଅନ୍ୟ ସାମଗ୍ରୀ ରଖାଯାଉଛି।

## ବଡ଼ ଏକାଦଶୀରେ ଜଗନ୍ନାଥ ମନ୍ଦିରରେ ଭିଡ଼



ତିନି ଠାକୁରଙ୍କ ରୁପା ବେଶ।

ଜୟପୁର,୫।୨(ଡି.ଏନ୍.ଏ./ନି.ପ୍ର.)

ମାଘ ମାସ ବଡ଼ ଏକାଦଶୀ ପାଇଁ ଜୟପୁର ସହରର ଜଗନାଥ ମନ୍ଦିରରେ ଭକ୍ତଙ୍କ ଭିଡ଼ ଲାଗିଛି। ତିନି ଠାକୁର ରୁପା ଅଳଙ୍କାର ପରିଧାନ କରିବା ସହ ଲୋକଙ୍କୁ ଦର୍ଶନ ଦେଇଥିଲେ। ଶ୍ରୀମନ୍ଦିରରେ ନୂତନ ପତିତପାବନ ବାନା ଲଗାଯାଇଥିବା ବେଳେ ସ୍ୱତନ୍ତ୍ର ଆଳତି, ଭୋଗଲାଗି, ଉତ୍ତରମୁଖୀ ବଲ୍ଲଭ ନାରାୟଣ ମନ୍ଦିରରେ ନାରାୟଣଙ୍କୁ ସ୍ୱତନ୍ତ୍ର ବେଶ କରାଯାଇଥିଲା। ୪ଥର ମନ୍ଦିର ବେଢ଼ା ପରିକ୍ରମା ବେଳେ ସଂକୀର୍ତ୍ତନ ମଣ୍ଡଳୀରେ ଶତାଧିକ ଭକ୍ତ ସାମିଲ ହୋଇଥିଲେ। ମୁଖ୍ୟ ପୂଜକ ଡମ୍ବରୁଧର ପଣ୍ଡା ଓ ସେବାୟତ ଜଗନ୍ନାଥ ତ୍ରିପାଠୀ ନୀତିକାନ୍ତି ତୁଲାଇଥିଲେ। ଏହିପରି ପୂର୍ବାହ୍ନ ୮ରୁ ମଧାହ୍ନ ଗୋଟାଏ ପର୍ଯ୍ୟନ୍ତ ମନ୍ଦିର ସମ୍ମୁଖ କେ.ବି.ଏସ୍.ଡି ରୋଡରେ ବାଇକ, ତିନି ଓ ଚାରିଚକିଆ ଗାଡ଼ି ଥିବା ଯୋଗୁ ବାରମ୍ବାର ରାସ୍ତା ଜାମ୍ ହୋଇଥିଲା। ଫଳରେ ଲୋକେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଜଗନ୍ନାଥ ମନ୍ଦିର ପଛପାଖ ରାସ୍ତାରେ କଲଭର୍ଟ ମରାମତି କାର୍ଯ୍ୟ ଚାଲିଥିବା ଯୋଗୁ ଉକ୍ତ ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ତେଣୁ ମନ୍ଦିର ସମ୍ମୁଖ କେବିଏସ୍‌ଡି ରୋଡ ଉପରେ ଅଧିକାଂଶ ବାସିନ୍ଦା ନିର୍ଭର କରୁଛନ୍ତି। ଟାଉନଥାନା ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରି ନ ଥିବାରୁ ସାଧାରଣ ଲୋକେ ବାଇକ, ତିନି ଓ ଚାରି ଚକିଆ ଯାନ ରାସ୍ତାରେ ମନଇଚ୍ଛା ରଖୁଥିଲେ। ଫଳରେ ବାରମ୍ବାର ରାସ୍ତା ଅବରୋଧ ଯୋଗୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା।

## ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ପଟ୍ଟାଙ୍ଗି,୫।୨(ଡି.ଏନ୍.ଏ.)

ପଟ୍ଟାଙ୍ଗି ସରକାରୀ ଇଂରାଜୀ ଉଚ୍ଚବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କ ଦାୟିତ୍ୱରେ ଥିବା ଲବଙ୍ଗଲତା ବାରିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନୃସିଂହନାଥ ବେହେରାଙ୍କ ଦ୍ୱାରା ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ୧୯୭୩ରୁ ୧୯୭୭ ଯାଏ ଉକ୍ତ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ଥିବା ବିନୋଦ ଚନ୍ଦ୍ର ଜେନା ବୁଧବାର ଏଠାରେ ପହଞ୍ଚି ନିଜ ସମୟରେ ଛାତ୍ରୀଛାତ୍ରଙ୍କୁ ଭେଟି ସେମାନଙ୍କ ସହ ଭାବ ବିନିମୟ କରିଥିଲେ। ପୁରାତନ ଛାତ୍ରୀଛାତ୍ର ତାଙ୍କୁ ସଭାରେ ସମ୍ବର୍ଦ୍ଧିତ କରିଥିଲେ। ଉଲ୍ଲେଖଯୋଗ୍ୟ, ଅବସରପ୍ରାପ୍ତ ଶିକ୍ଷକ ଜେନା ୨୦୦୭ରେ ରାଷ୍ଟ୍ରପତି ଓ ୧୯୯୫ରେ ରାଜ୍ୟପାଳଙ୍କଠାରୁ ପୁରସ୍କୃତ ହୋଇଛନ୍ତି। ଏହି ଅବସରରେ ଜେନା ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଉଦ୍ଦେଶ୍ୟରେ ୫,୫୫୫ ଟଙ୍କାର ଏକ ଚେକ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପ୍ରଦାନ କରିଥିଲେ। ଏହି ସମୟରେ ପୁରାତନ ଛାତ୍ର ନୃସିଂହନାଥ ବେହେରା, ରାମ ପ୍ରସାଦ ଚୌଧୁରୀ, ବିକାଶ ଚନ୍ଦ୍ର ପାଣିଗ୍ରାହୀ, ଦୁର୍ଗା ପାଣିଗ୍ରାହୀ, ଚନ୍ଦ୍ରଶେଖର ଚୌଧୁରୀ, ସରଳା ପାଣିଗ୍ରାହୀ, ଟି. ଭାନୁମୂର୍ତ୍ତି, ଏନ୍. ମୋହନ ରାଓ, ଏନ୍. ପୁଣ୍ଡରିକା ଚୌଧୁରୀ, ବଳରାମ ବାରିକ, ବର୍ତ୍ତମାନର ଶିକ୍ଷକଙ୍କ ମଧରେ କଳ୍ପତା ବାରିକ, ନିବେଦିତା ହରିଚନ୍ଦନ, ସନ୍ତୋଷିନୀ ପାଣିଗ୍ରାହୀ, ମାଳତୀଲତା ବାରିକ, ପ୍ରକାଶ ଚନ୍ଦ୍ର ପଣ୍ଡା ଓ ବିସ୍ମିତା ବିଷୋୟୀ ଉପସ୍ଥିତ ଥିଲେ।

## ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟ ଫାଟକରେ ତାଲା

**ତାମାଙ୍ଗି ସରକାରୀ ଉଚ୍ଚ ବିଦ୍ୟାଳୟ**
- ଧାରଣାରେ ବସିଛନ୍ତି ଛାତ୍ରୀଛାତ୍ର, ଅଭିଭାବକ
- ବର୍ଷାରେ ଭିଜିଲେ, ପହଞ୍ଚିଲାନି ପ୍ରଶାସନ

ଦାରିଙ୍ଗବାଡ଼ି,୫।୨(ଡି.ଏନ୍.ଏ.)

ଦାରିଙ୍ଗବାଡ଼ି ବ୍ଲକ ଦୁର୍ଗମ ପଞ୍ଚାୟତ ହାତୀମୁଣ୍ଡାର ତାମାଙ୍ଗି ସରକାରୀ ଉଚ୍ଚ ବିଦ୍ୟାଳୟ ଫାଟକରେ ବୁଧବାର ତାଲା ପକାଇ ଆନ୍ଦୋଳନ ଚଳାଇଛନ୍ତି ଛାତ୍ରୀଛାତ୍ର ଓ ଅଭିଭାବକ। ଶିକ୍ଷକ ପଦବୀ ପୂରଣ ସହ ବିଦ୍ୟାଳୟରେ ଲାଗିରହିଥିବା ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଧାରଣାରେ ବସିଛନ୍ତି। ମହାତ୍ମା ଗାନ୍ଧୀ ଏବଂ ଡ. ଆମ୍ବେଡକରଙ୍କ ଫଟୋଚିତ୍ର ରଖି ବିକ୍ଷୋଭ ଚାଲିଛି। ବର୍ଷା ସତ୍ତ୍ୱେ ମଧ ଧାରଣା ଜାରି ରହିଛି। ତାମାଙ୍ଗି ବିଦ୍ୟାଳୟରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ମୋଟ ୧୫୭ ଜଣ ଛାତ୍ରୀଛାତ୍ର ରହିଛନ୍ତି। ମାତ୍ର ୪ଟି କ୍ଲାସରୁମ୍ ରହିଥିବାବେଳେ, ପ୍ରଧାନ ଶିକ୍ଷକ ଭାବେ ଜଣେ ଶିକ୍ଷାସହାୟକ ଦାୟିତ୍ୱ ତୁଲାଉଛନ୍ତି। ତାଙ୍କୁ ମିଶାଇ ୬ ଜଣ ଶିକ୍ଷକ ୧୦ଟି ଶ୍ରେଣୀକୁ ପାଠପଢ଼ାଉଛନ୍ତି। ବୁଧବାର ସୁଦ୍ଧା ସମସ୍ୟା ସମାଧାନ ପାଇଁ ଅଞ୍ଚଳବାସୀ ଡେଡ୍‌ଲାଇନ୍ ଦେଇଥିଲେ। ଏହାପୂରଣ ପରେ ଧାରଣାକୁ ଓହ୍ଲାଇଛନ୍ତି। ପ୍ରମୁଖ ଦାବି ଗୁଡିକ ମଧ୍ୟରେ ରହିଛି ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ, ଶ୍ରେଣୀଗୃହ, ପାଚେରୀ, ଖେଳପଡ଼ିଆ ନିର୍ମାଣ ସହ ଛାତ୍ରୀଛାତ୍ରଙ୍କୁ ମୌଳିକ ସୁବିଧା ପ୍ରଦାନ ବ୍ୟବସ୍ଥା କରିବା। ପୂର୍ବରୁ ବିଦ୍ୟାଳୟ ପରିଚାଳନା କମିଟି ଏବଂ ଅଭିଭାବକ କମିଟି ଦାବି ପୂରଣ ପାଇଁ ସ୍ଥାନୀୟ ପ୍ରଶାସନ ଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ବହୁବାର ଅଭିଯୋଗ କରିଥିଲେ। ପ୍ରଶାସନ ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ ମଧ ପଦକ୍ଷେପ ନେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୨୦୧୮ ନଭେମ୍ବର ୬ରେ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ମାତ୍ର ଶିକ୍ଷକ ପଦବୀ ପୂରଣ ବଦଳରେ ଏଠାରୁ ଅନ୍ୟତ୍ର ବଦଳି କରିଦିଆଯାଉଥିବା ଅଞ୍ଚଳବା ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ୨୦୧୫ରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ବିଦ୍ୟାଳୟରେ ଘୋଷଣା କରାଗଲା। ପୂର୍ବରୁ ପ୍ରଥମରୁ ସପ୍ତମ ପର୍ଯ୍ୟନ୍ତ ରହିଥିବାବେଳେ ପରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ଖୋଲାଗଲା। ମାତ୍ର ଶିକ୍ଷକ ନିଯୁକ୍ତି ହେଲେନାହିଁ। ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନେ ହିଁ ନବମ ଏବଂ ଦଶମ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ଫଳରେ ଗୁଣାତ୍ମକ ଶିକ୍ଷା ମିଳୁ ନ ଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ବିଜ୍ଞାନ, ଗଣିତ, ଇଂଲିଶ, ସଂସ୍କୃତ, ହିନ୍ଦୀ, ଖେଳ ଶିକ୍ଷକ ଶୀଘ୍ର ନିଯୁକ୍ତି ପାଇଁ ପ୍ଲାକାର୍ଡ ଧରି ଦାବି ଜଣାଇଛନ୍ତି। ବୁଧବାର ବର୍ଷା ସତ୍ତ୍ୱେ ଆନ୍ଦୋଳନ ଚାଲିଛି। ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବାରୁ ଉତ୍ତେଜନା ଦେଖାଦେଇଛି।

## ଟିକାମ୍ବରେ ବାର୍ଷିକ କ୍ରୀଡ଼ା ଉତ୍ସବ

ଦଶମନ୍ତପୁର,୫।୨(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଟିକାମ୍ବ ପଞ୍ଚାୟତ ବିଦ୍ୟାଳୟସ୍ଥିତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବୁଧବାର ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ତରୁଣ ଦଳେଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ ଦଶମନ୍ତପୁରର ପ୍ରଧାନଶିକ୍ଷକ ସପ୍ନେଶ୍ୱର ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ବଶିଷ୍ଠ ନାୟକ, ବିଦ୍ୟାଳୟ ସଭାପତି ସଞ୍ଜୁ ହିଆଲ, ଉପସଭାପତି ଦୀନବନ୍ଧୁ ମାଝି, କ୍ରୀଡ଼ା ଶିକ୍ଷକ ସୁବୋଧ ଖରା, ନୀଳ ମାଧବ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏହି ଅବସରରେ ୧୦୦ ଓ ୨୦୦ ମିଟର ଦୌଡ଼, ବକ୍ତୃତା, ସଙ୍ଗୀତ ଭଳି ବିଭିନ୍ନ ପ୍ରକାର କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।




ନର୍ସ ଏନ୍.ସ୍ମିତା ଓ ଡାକ୍ତର ଐଶର୍ଯ୍ୟ ପୃଷ୍ଟି ସମ୍ବର୍ଦ୍ଧନା ଗ୍ରହଣ କରୁଛନ୍ତି।

## ଜିଲା ମେଡିକାଲର ଡାକ୍ତର, ନର୍ସ ପୁରସ୍କୃତ

ଜୟପୁର,୫।୨(ଡି.ଏନ୍.ଏ.)

କଟକସ୍ଥିତ ଆଚାର୍ଯ୍ୟ ହରିହର କ୍ୟାନସର ରିସର୍ଚ୍ଚ ସେଣ୍ଟରରେ ଗତ ମଙ୍ଗଳବାର ବିଶ୍ୱ କର୍କଟ ଦିବସ ପାଳିତ ହୋଇଛି। ଏହି ଅବସରରେ ସେଠାରେ ଜୟପୁରସ୍ଥିତ ଜିଲା ଚିକିତ୍ସାଳୟର ଡାକ୍ତର ଐଶର୍ଯ୍ୟ ପୃଷ୍ଟି, ନର୍ସ ଏନ୍. ସ୍ମିତାଙ୍କୁ ପୁରସ୍କୃତ କରାଯାଇଛି। ସାରା ରାଜ୍ୟର ଡାକ୍ତରଙ୍କ ଚିକିତ୍ସା ପଦ୍ଧତି ଓ କର୍କଟ ରୋଗୀଙ୍କୁ ଉତ୍ତମ ସେବା ପ୍ରଦାନକୁ ନେଇ ଐଶ୍ୱର୍ଯ୍ୟ ପୃଷ୍ଟିଙ୍କୁ ଦ୍ୱିତୀୟ ସର୍ବୋତ୍ତମ ଏବଂ ନର୍ସ ସ୍ମିତାଙ୍କୁ ସାରା ରାଜ୍ୟରେ ଶ୍ରେଷ୍ଠତା ପୁରସ୍କାର ପ୍ରଦାନ କରାଯାଇଛି। ଆଚାର୍ଯ୍ୟ ହରିହର କ୍ୟାନସର ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଆର୍. ବାଲକ୍ରିଷ୍ଣନ, ରାଜ୍ୟ କର୍କଟ ନିୟନ୍ତ୍ରଣ ବୋର୍ଡର ମେଟ୍ରୋନ ଡା. ଦିନେଶ ପେଣ୍ଡ୍ରାକର, ରିସର୍ଚ୍ଚ ସେଣ୍ଟରର ଡା. ଲଲାଟେନ୍ଦୁ ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ମାନପତ୍ର ଓ ଟ୍ରଫି ଦିଆଯାଇ ପୁରସ୍କୃତ କରାଯାଇଥିଲା।

## ଗାଲି ଉଜାଡ଼ି ଦେଉଛି ଦେଶୀ କୁକୁଡ଼ା ବଂଶ

ବୈପାରୀଗୁଡ଼ା,୫।୨(ଡି.ଏନ୍.ଏ.)

ଆଦିବାସୀ ଇଲାକାରେ ଦେଶୀ କୁକୁଡ଼ା ପାଳନ କେବଳ ରୋଜଗାର ନୁହେଁ, ଏହା ସେମାନଙ୍କ ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ। ଛୁଆ ଜନ୍ମଠାରୁ ଆରମ୍ଭ କରି ବିବାହ, ଦଶାହ ଓ ବିଭିନ୍ନ ପାରମ୍ପରିକ ପର୍ବପର୍ବାଣିରେ ଦେଶୀ କୁକୁଡ଼ା, ଅଣ୍ଡା ନିହାତି ଅନିର୍ବାଯ୍ୟ। କିନ୍ତୁ ଏବେ ଦେଶୀ କୁକୁଡ଼ା ବଂଶ ଆସ୍ତେଆସ୍ତେ ଲୋପ ପାଇବାକୁ ବସିଲାଣି । ଏହାର ମୁଖ୍ୟ କାରଣ ହେଲା କୁକୁଡ଼ା ଗାଲି ବା କୁକୁଡ଼ା ଲଢ଼େଇ।

ଗତ ନଭେମ୍ବର ମାସ ପରଠାରୁ ଧାନକଟା ପରେ ଗାଁ ଗହଳିରେ ବେଧଡ଼କ ଭାବେ ଚାଲିଛି କୁକୁଡ଼ା ଗାଲି। ଅସାମାଜିକ ଲୋକେ ଗାଲି ଆୟୋଜନ କରୁଛନ୍ତି। ଗାଲି କେବଳ କୁକୁଡ଼ା ଲଢ଼େଇରେ ସୀମିତ ନାହିଁ, ବରଂ ଜୁଆ ଓ ମଦ କାରବାର ମଧ ଖୋଲାଖୋଲି ଭାବେ ଚାଲିଛି। ଲଢ଼େଇ ମଇଦାନରେ ପ୍ରତି ପାଳିରେ ୮ରୁ ୧୦ ଯୋଡ଼ି କୁକୁଡ଼ା ଲଢ଼େଇ ଦେଖିବାକୁ ମିଳିଥାଏ। ଲଢୁଆ ଗଞ୍ଜା ଗୋଡ଼ରେ ବିଷମିଶା ଦାଢ଼ ଛୁରି ବାନ୍ଧି ଦିଆଯାଇଥାଏ। ନିରୀହ ପକ୍ଷଗୁଡ଼ିକ ପରସ୍ପରକୁ ଆକ୍ରମଣ କରିବା ବେଳେ ଛୁରି ମାଡ଼ରେ ରକ୍ତ ରଞ୍ଜିତ ହୋଇପଡ଼େ ଲଢ଼େଇ ମଇଦାନ। ହାର ଜିତ ନେଇ ଦୁଇ ପ୍ରତିପକ୍ଷ ଟଙ୍କା ବାଜି ଲଗାଇଥାନ୍ତି। ଯେଉଁ କୁକୁଡ଼ା ଲଢ଼େଇ ଟଳିପଡ଼େ, ଉକ୍ତ ପକ୍ଷ ହାର ମାନନ୍ତି। ପ୍ରତିପକ୍ଷର ମୃତ କୁକୁଡ଼ା ଓ ଟଙ୍କାକୁ ବିଜୟୀ ପକ୍ଷ ହାତେଇ ନେଇଥାନ୍ତି। ଅନେକ ସମୟରେ କ୍ଷତ ବିକ୍ଷତ ବିଜୟୀ କୁକୁଡ଼ା ମଧ ଉପଯୁକ୍ତ ଚିକିତ୍ସା ଅଭାବରୁ ପ୍ରାଣ ହରାଇଥାନ୍ତି। ବ୍ଲକର ବିଭିନ୍ନ ସ୍ଥାନରେ ହେଉଥିବା କୁକୁଡ଼ା ଗାଲିରେ ପ୍ରତିଦିନ ଶହ ଶହ କୁକୁଡ଼ା ବଳି ପଡ଼ନ୍ତି।

ଗାଲି ଯୋଗୁ ଦେଶୀ କୁକୁଡ଼ା ଆସ୍ତେଆସ୍ତେ ଲୋପ ପାଉଥିବା ବେଳେ ବଜାରରେ ଦେଶୀ କୁକୁଡ଼ା ମିଳୁନାହିଁ। ୧ କିଲୋରୁ ୨ କିଲୋ ଓଜନ କୁକୁଡ଼ା ୧ ହଜାରରୁ ୨ ହଜାର ଟଙ୍କାରେ ବିକ୍ରି ହେଉଛି, ଯାହା ସାଧାରଣ ଖାଉଟିଙ୍କ ପକେଟ ସାମର୍ଥ୍ୟରୁ ବାହାରେ। ଗାଲି ସ୍ଥଳରେ ଖୁଡ୍‌ଖୁଡି ପଶାପାଲି ପଡ଼ିଥାଏ। ମହୁଲି ପେଣ୍ଡମ କାରବାର ହୁଏ। ଏସବୁ ଅସାମାଜିକ କାମକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଥିଲେ ମଧ ଅସାମାଜିକ ଲୋକଙ୍କୁ ଭୟକରି କେହି ସ୍ୱର ଉତ୍ତୋଳନ କରିବାକୁ ସାହସ କରୁନାହାନ୍ତି। ବିଭିନ୍ନ ସମୟରେ ପୋଲିସ ପକ୍ଷରୁ ଗାଲି ଉପରେ ଚଢ଼ାଉ କରାଯାଉଛି। ସେମାନଙ୍କଠାରୁ ଟଙ୍କା ଓ କୁକୁଡ଼ା ଜବତ ହୋଇଛି। ସଙ୍ଗେସଙ୍ଗେ ଥାନାରେ ବେଲ୍ ମିଳିଯାଉ ଥିବାରୁ ଅବସ୍ଥାରେ କିଛି ପରିବର୍ତ୍ତନ ହେଉନାହିଁ। ପୋଲିସ ସୂଚନା ଅନୁସାରେ ଗତ ଡିସେମ୍ବର ୨୪ରେ ଘଷର୍ଡାରେ ଏକ କୁକୁଡ଼ା ଗାଲିରେ ଚଢ଼ାଉ କରାଯାଇ ୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ସେହି ମାସ ୨୫ ତାରିଖରେ ମସିଗାଁ ଓ ମାଝିଗୁଡ଼ାରେ ଚଢ଼ାଉ କରାଯାଇ ୧୪ ଜଣଙ୍କୁ ଗିରଫ କରିଥିଲା ପୋଲିସ। ସେହି ମାସ ୨୮ ତାରିଖରେ ପୋଲିସ୍ ବାଲିଗାଁ ପଞ୍ଚାୟତ ହଣ୍ଡାଯୋଡ଼ିରେ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିଥିଲା। ଜାନୁଆରୀ ୨୨ରେ ହାଟଖୁଡୁପିରେ ଚଢ଼ାଉ କରାଯାଇ ୭ ଜଣଙ୍କୁ ଗିରଫ କରାଯାଇଥିଲା।

